

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୫ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 July 2024
Vol.No. 35 ■ No.179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମୁଣ୍ଡିଆ ମାରିଲେ, ଲୋକସେବା ଭବନରେ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ

### ସରକାରୀ କାମ, ଭାଷାର ପ୍ରଚାର ପାଇଁ ଗଠନ ହେବ କମିଶନ



ଭୁବନେଶ୍ୱର, ୦୪/୭ (ନି.ପ୍ର): ଲୋକସେବା ଭବନରେ ଆଜି ପ୍ରଥମ ଥର ପାଇଁ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂଜାର୍ଚ୍ଚନା ପରେ ମୁଣ୍ଡିଆ ମାରି ସେ ଲୋକସେବା ଭବନରେ ପ୍ରବେଶ କରିଛନ୍ତି। ଲୋକସେବା ଭବନର ତୃତୀୟ ମହଲାରୁ ସେ ଆଜି ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବ ଭବନକୁ ପାଛୋଟି ନେବାକୁ ସେଠାରେ ପହଞ୍ଚିବା ପରେ ତାଙ୍କୁ ପାଛୋଟି ନେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ କ୍ୟାବିନେଟ୍ ମନ୍ତ୍ରୀ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଆଇଏଏସ୍ ଏବଂ ଓଏଏସ୍ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଯେଉଁ ଚାମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଥିଲେ ସେହି ଚାମ୍ବରରେ ବସିଲେ ମୋହନ ମାଝୀ। କେବଳ ଟେବୁଲ ଓ ଚେୟାରର ଦିଗ ବଦଳିଛି। ସେହି ଚାମ୍ବରରୁ ମୁଖ୍ୟମନ୍ତ୍ରୀ ଆଜିଠୁ ବିଧିବଦ୍ଧ ଭାବେ ନିଜ କାମ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଆ ଅସ୍ମିତା ସଂରକ୍ଷଣ ଓ ପ୍ରସାରକୁ ଗୁରୁତ୍ୱ ଦିଆଯିବ । ସାହିତ୍ୟ, କଳା, ସଙ୍ଗୀତ ଓ ଲଳିତ କଳା ଏକାଡେମୀର ପୁନଃଗଠନ ହେବ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ଲୋକସେବା ଭବନ ପରିସର। ବିଭିନ୍ନ ରଙ୍ଗ ବେରଙ୍ଗ ଫୁଲ ଓ ରଙ୍ଗୋଲିରେ ଲୋକସେବା ଭବନକୁ ସଜା ଯାଇଛି। ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେବା ପରେ ୨୨ ଦିନ ହେଲା ରାଜ୍ୟ ଅତିଥି ଭାବନରେ ଚାଲିଥିଲା ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ। ଏହାପରେ ଆଜିଠୁ ବିଧିବଦ୍ଧ ଭାବେ ଲୋକସେବା ଭବନରୁ କାର୍ଯ୍ୟ ଆରମ୍ଭ କରିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ । 'ଓଡ଼ିଆରେ ହେବ 'ଓଡ଼ିଶାରେ ଓଡ଼ିଆ ଭାଷାରେ ହେବ ସରକାରୀ କାର୍ଯ୍ୟ। ସରକାରୀ ଭାଷା ଆଇନକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ । ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ସୁଗମ କରାଯିବ । ଏଥିନିମନ୍ତେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରାଯିବ।' ଓଡ଼ିଶାର ଅସ୍ମିତାକୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ନିର୍ବାଚନର ବୈତରଣୀ ପାର ହୋଇଥିବା ବିଜେପି ଆଜି ଏ ଦିଗରେ ପ୍ରଥମ ପଦକ୍ଷେପ ଉଠାଇଛି। ▶▶ପୃଷ୍ଠା ୭

## ଓଡ଼ିଆ ଭାଷାରେ ଡାକ୍ତରୀ ପାଠପଢ଼ା: ସରକାର ଗଢ଼ିଲେ ବିଶେଷଜ୍ଞ କମିଟି, ୧୫ଦିନରେ ଦେବେ ରିପୋର୍ଟ



ଭୁବନେଶ୍ୱର, ୦୪/୭ (ନି.ପ୍ର): ରାଜ୍ୟର ପ୍ରଥମ ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ କରି ଓଡ଼ିଆ ଭାଷାରେ ଡାକ୍ତରୀ ପାଠପଢ଼ା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ନିର୍ବାଚନୀ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର ଆଜି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ୨୨ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି କମିଟି ୧୫ଦିନ ମଧ୍ୟରେ ତାଙ୍କର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦେବେ। ଓଡ଼ିଆ ଭାଷାରେ ଏମବିବିଏସ୍ ଶିକ୍ଷାଦାନ ପାଇଁ ଅତ୍ୟାବଶ୍ୟକ ପାଠ୍ୟକ୍ରମର ଓଡ଼ିଆରେ ଅନୁବାଦ, କେତେ ସମୟ ଲାଗିବ ଓ ଏସବୁ ନିମନ୍ତେ ଆବଶ୍ୟକ ପାଣ୍ଠି ଆଦି ନେଇ ଏହି କମିଟି ତାଙ୍କର ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ୨୨ଜଣିଆ ବିଶେଷଜ୍ଞ କମିଟିର ଅଧକ୍ଷ ଭାବେ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଜଷ୍ଟିସ୍ ଅରିଜିତ୍ ପଶାୟତ: କହିଲେ- ୮ରେ ଖୋଲି ନପାରେ ରତ୍ନ ଭଣ୍ଡାର



ଭୁବନେଶ୍ୱର, ୦୪/୭ (ନି.ପ୍ର): ଆସନ୍ତା ୮ ତାରିଖରେ ଖୋଲିନପାରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର । ଉକ୍ତ ଦିନ ରଥ ଯାତ୍ରା ଥିବାରୁ ରତ୍ନ ଭଣ୍ଡାର ଖୋଲାଯିବା ସମ୍ଭାବନା କମ୍ । ଯେବେ ସରକାର ନିଷ୍ପତ୍ତି ନେବେ, ସେବେ ଖୋଲାଯିବ । ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ଏପରି ମନ୍ତବ୍ୟ ଦେଇଛନ୍ତି। ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତ । ସେ ଆସନ୍ତାକାଲିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିବେ । ବିମାନବନ୍ଦରରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଅବସରପ୍ରାପ୍ତ ▶▶ପୃଷ୍ଠା ୭

## ଓଡ଼ିଶାରେ କାର୍ଯ୍ୟକାରୀ ହେବ କେନ୍ଦ୍ର ସରକାରଙ୍କ 'ମିଶନ ଶକ୍ତି'

ଭୁବନେଶ୍ୱର, ୦୪/୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ସମନ୍ୱିତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ 'ମିଶନ ଶକ୍ତି'କୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ। ଆଜି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସମନ୍ୱିତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ 'ମିଶନ ଶକ୍ତି' ମାଧ୍ୟମରେ ରାଜ୍ୟର ମହିଳାଙ୍କ ସୁରକ୍ଷା, ନିରାପତ୍ତା ଓ ସଶକ୍ତିକରଣକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ୱାନ ଷ୍ଟପ ସେଂଟର, ମହିଳା ହେଲପ୍ ଲାଇନ, ବେଟି ବଚାଓ ବେଟି ପଢ଼ାଓ, ମହିଳା ସଶକ୍ତିକରଣ ପାଇଁ ହବ୍ ନିର୍ମାଣ, ସଖି ନିବାସ, ଶକ୍ତି ସଦନ, ଶିଶୁ ଗୃହ ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଭଳି କାର୍ଯ୍ୟକ୍ରମ ରହିଛି। ରାଜ୍ୟର ବିଜେପି ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ। ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ପୂର୍ଣ୍ଣ ଲାଭ ନେବା ପାଇଁ ରାଜ୍ୟର ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି। ▶▶ପୃଷ୍ଠା ୭

## ଏଏସଓଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୦୪/୭ (ନି.ପ୍ର): ଲୋକସେବା ଭବନରେ କାର୍ଯ୍ୟରତ ଥିବା ଜଣେ ଏଏସଓଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ମୋରା ମାରାଣ୍ଡି। ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ରହୁଥିବା ଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୋରା ମାରାଣ୍ଡି ସଚିବାଳୟ ଇସ୍ପାତ ଓ ଖଣି ବିଭାଗରେ ୨୦୨୪ ବ୍ୟାଚର ଏଏସଓ। ତେବେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ ଗୁରୁବାର ସକାଳେ ମୋରା ମାରାଣ୍ଡିଙ୍କୁ ଘର ଲୋକ ଫୋନ କରିଥିଲେ। ହେଲେ ତାଙ୍କ ଫୋନ ଲାଗିନଥିଲା। ପରେ ପରିବାର ଲୋକ ମୋରାଙ୍କ ସାଙ୍ଗକୁ ଫୋନ୍ କରି କହିଥଲେ। ମୋରା ରହୁଥିବା ଘରକୁ ତାଙ୍କ ସାଙ୍ଗ ଯାଇଥିଲେ। ସେଠାରେ ପହଂଚି ଦେଖିଲେ ମୋରାଙ୍କ ମୃତଦେହ ଝୁଲୁଛି। ଏହା ପରେ ସେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୋରାଙ୍କ ପରିବାର ଓ ସହଯୋଗି ଅଭିଯୋଗ କରିଛନ୍ତି ଯେ ମୋରାଙ୍କ ଉପରେ ଉପରସ୍ଥ ଅଧିକାରୀଙ୍କର ଚାପ ରହୁଥିବାରୁ ସେ ଆତ୍ମହତ୍ୟା କରିଛନ୍ତି।

## ସିଏମଓରୁ ୪ ଓଏଏସ ବିଦା: ନବୀନ ସରକାରରେ ସାଜିଥିଲେ ସୁପର ମିନିଷ୍ଟର




ଭୁବନେଶ୍ୱର, ୦୪/୭ (ନି.ପ୍ର): ଲୋକସେବା ଭବନର ତୃତୀୟ ମହଲାରୁ ଆଜିଠୁ କାର୍ଯ୍ୟ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୀର୍ଘ ୨୨ଦିନ ପରେ ଆଜି ପୂଜାର୍ଚ୍ଚନା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜିଠୁ ସିଏମଓ (ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ)ରେ ପ୍ରବେଶ କରିଛନ୍ତି। ଆଉ ଏପଟେ ନବୀନ ପଟ୍ଟନାୟକ ସରକାରରେ ସୁପର ମିନିଷ୍ଟର ଭଳି କାର୍ଯ୍ୟ ତୁଲାଉଥିବା ୪ ବରିଷ୍ଠ ଓଏଏସଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ବିଦା କରାଯାଇଛି। ଏହି ଅଫିସରମାନଙ୍କୁ ସାଧାରଣ ପ୍ରଶାସନ ବିଭାଗ ଫେରାଇ ନେଇଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଓଏଏସ୍ ଲାଲା ମନୋଜ କୁମାର ରାୟ, ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁ ଓ ଓଏସଡି ରବୀନ୍ଦ୍ର କୁମାର ସେଠୀଙ୍କୁ ତତ୍କାଳ ପ୍ରଭାବରୁ ସାଧାରଣ ପ୍ରଶାସନ ବିଭାଗକୁ ଫେରାଇ ଅଣାଯାଇଛି। ▶▶ପୃଷ୍ଠା ୭

## ବିଜେଡି କର୍ପୋରେଟରଙ୍କ କଳିରେ ବାଜିଲା ଛାଟ: ମୁହଁ ନ ଖୋଲିବାକୁ ତାଗିଦ



ଭୁବନେଶ୍ୱର, ୦୪/୭ (ନି.ପ୍ର): ଭୁବନେଶ୍ୱର ବିଜେଡିରେ ଆରମ୍ଭ ହୋଇଥିବା ରାଜନୀତିକ ଡ୍ରାମା ଦଳୀୟ ସଂଗଠନକୁ ଭାରି ପଡ଼ିଛି। ଆଭ୍ୟନ୍ତରୀଣ କନ୍ଦଳ ନ ଥମିବାରୁ ହସ୍ତକ୍ଷେପ କରିଛନ୍ତି ଭୁବନେଶ୍ୱର ବିଜେଡ଼ି ସଭାପତି ତଥା ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ। ବିଜେଡି କର୍ପୋରେଟରଙ୍କ କଳି ଦିନକୁ ଦିନ ବିସ୍ଫୋରକ ରୂପ ଧାରଣ କରୁଥିବାରୁ ଦଳୀୟ ସଂଗଠନ ତରଫରୁ ହୁଇପ୍ ଜାରି ହୋଇଛି। ଦଳୀୟ ଅନୁମତି ନନେଇ କେହି ଗଣମାଧ୍ୟମରେ କୌଣସି ପ୍ରକାର ବକ୍ତବ୍ୟ ନରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର ବିଜେଡିରେ ବୃଦ୍ଧି ପାଉଥିବା ଅନ୍ତଃକନ୍ଦଳରେ ▶▶ପୃଷ୍ଠା ୭

## ପୁଣି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେଲେ ହେମନ୍ତ ସୋରେନ



ନୂଆଦିଲ୍ଲୀ, ୦୩/୭ : ପୁଣିଥରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ହେମନ୍ତ ସୋରେନ। ଆଜି ସେ ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଗୁରୁବାର ଅପରାହ୍ନରେ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହେମନ୍ତ ସୋରେନ ନିକଟରେ ଜେଲରୁ ଜାମିନରୁ ବାହାରିଛନ୍ତି। ଜାନୁଆରୀ ୩୧ରେ ତାଙ୍କୁ ଜମି ଦୁର୍ନୀତି ମାମଲାରେ ଇଡି ଗିରଫ କରିବା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଜେଏମଏମର ବରିଷ୍ଠ ନେତା ଚମ୍ପାଇ ସୋରେନ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ୫ ମାସ ପରେ ହେମନ୍ତ ଜେଲରୁ ମୁକୁଳିବାରୁ ଚମ୍ପାଇ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଆଜି ହେମନ୍ତ ସୋରେନ ପୁଣି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଝାଡ଼ଖଣ୍ଡର ୧୨ତମ ମୁଖ୍ୟମନ୍ତ୍ରୀ ଭାବେ ଫେବୃଆରୀ ୨ରେ ଶପଥ ନେଇଥିବା ଚମ୍ପାଇ ସୋରେନ ବୁଧବାର ଇସ୍ତଫା ଦେଇଥିଲେ। ଏହାପରେ ହେମନ୍ତ ସୋରେନ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ତାଙ୍କ ପାଖରେ ସରକାର ଗଠନ ପାଇଁ ଆବଶ୍ୟକ ବିଧାୟକ ଥିବାରୁ ରାଜ୍ୟପାଳ ରାଧାକ୍ରିଷ୍ଣନନ ତାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ପଦର ଶପଥ ପାଠ କରାଇଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିବାରୁ ହେମନ୍ତ ▶▶ପୃଷ୍ଠା ୭

## ବିଜୟ ରଥରେ ବିଶ୍ୱ ବିଜେତା: ବର୍ଷା ରୋକିପାରିଲାନି ଉତ୍ସାହ




ନୂଆଦିଲ୍ଲୀ, ୦୩/୭ : ଜନସମୁଦ୍ର ପାଲଟିଲା ମୁମ୍ବାଇର ମେରାଇନ ଡ୍ରାଇଭ। ଯେଉଁଆଡ଼େ ଚାହିଁଲେ କେବଳ ଲୋକ ହିଁ ଲୋକ। ଗୋଟିଏ ପଟେ ସମୁଦ୍ର ଓ ଆଉ ଗୋଟିଏ ପଟେ ଜନସମୁଦ୍ର। କେବଳ ଶୁଭୁଥିଲା ଟିମ ଇଣ୍ଡିଆ ଟିମ ଇଣ୍ଡିଆ ନାରା। ଖୁସିରେ ସମସ୍ତଙ୍କ ଆଖି ଜକେଇ ଆସିଥିଲା। ପ୍ରବଳ ବର୍ଷା ହେଉଥିଲା ସତ କିନ୍ତୁ ଲୋକଙ୍କ ଉତ୍ସାହରେ ଏହା କୌଣସି ପ୍ରକାରର ଫରକ ପକାଇ ପାରି ନଥିଲା। ଏମିତି କିଛି ଦୃଶ୍ୟ ଆଜି ୧୩ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିବା ଭାରତୀୟ କ୍ରିକେଟର ବିଜୟ ଶୋଭାଯାତ୍ରା ବେଳେ ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ଭାରତୀୟ ଟିମ ଭିସ୍ତାରା ବିମାନରେ ଦିଲ୍ଲୀରୁ ମୁମ୍ବାଇ ଆସିଥିଲେ। ବିମାନ ରନୱେରେ ପହଞ୍ଚିଲା ବେଳେ ୱାଟର ସାଲ୍ୟୁଟ ମାଧ୍ୟମରେ ଟିମର ସଦସ୍ୟମାନଙ୍କୁ ନେଇ ଆସୁଥିବା ବିମାନକୁ ▶▶ପୃଷ୍ଠା ୭

## ହାଥରସ ଦଳାଚକଟା: ୨୦ ସେବକ ଗିରଫ

ନୂଆଦିଲ୍ଲୀ, ୦୩/୭ : ଉତ୍ତରପ୍ରଦେଶର ହାଥରସରେ ହୋଇଥିବା ଦଳଚକଟା ମାମଲାରେ ବଡ଼ ଆକ୍ସନ ନେଇଛି ପୁଲିସ। ଏହି ମାମଲାରେ ପୁଲିସ ୨୦ ସେବାଦାରଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା ଜାରି ରହିଛି। ମଙ୍ଗଳବାର ହାଥରସରେ ଭୋଲେ ବାବା ଆୟୋଜିତ ହୋଇଥିବା ସତ୍‌ସଙ୍ଗରେ ଦଳାଚକଟା ହୋଇ ୧୨୧ ଜଣ ପ୍ରାଣ ହରାଇଛନ୍ତି। ଏହି ପୂରା ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଯୋଗୀ ସରକାର। ମାମଲାର ତଦନ୍ତ ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ଟିମ୍ ଏବେ ନାରାୟଣ ହରି ଓରଫ ଭୋଲେ ବାବାଙ୍କ ମୁଖ୍ୟ ସେବାଦାର ବେଦପ୍ରକାଶ ମଧୁକରଙ୍କୁ ଖୋଜୁଛି। ସେ ବର୍ତ୍ତମାନ ଫେରାର ଅଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶ ପରେ ବୁଧବାର ସନ୍ଧ୍ୟାରେ ଗୃହ ବିଭାଗ ଆହ୍ଲାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବ୍ରଜେଶ କୁମାର ଶ୍ରୀବାସ୍ତବଙ୍କ ଅଧକ୍ଷତାରେ ତିନି ଜଣିଆ ତଦନ୍ତ କମିଶନ ଗଠନ କରିଛନ୍ତି। ଆୟୋଗର ମୁଖ୍ୟାଳୟ ଲକ୍ଷ୍ନୌରେ ରହିବ। ଆୟୋଗକୁ ଏହାର ତଦନ୍ତ ଦୁଇ ମାସ ମଧ୍ୟରେ ଶେଷ କରିବାକୁ ପଡିବ। ମଙ୍ଗଳବାର ହାଥରସ୍ ଫୁଲୁରୀ ଗାଁରେ ମାନବ ମଙ୍ଗଳ ମିଳନ ସଦଭାବନା ସମାଗମ କମିଟି ପକ୍ଷରୁ ବିଶ୍ୱହରି ବାବା ଓରଫ ଭୋଲେ ବାବାଙ୍କ ସତସଙ୍ଗ ▶▶ପୃଷ୍ଠା ୭

# ଚଂଚକତାଭାବେ ଭୂମିହୀନ ଦର୍ଶାଇ ସରକାରୀ ଜମି ଗ୍ରହଣ

## ମଠ ସେବାୟତ ଓ ଗ୍ରାମବାସୀ ରସୁଲପୁର ତହସିଲରେ ଅଭିଯୋଗ : କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା, ୦୪/୦୭ (ନି.ପ୍ର): ମାଳମାଳ ସରକାରୀ ଯୋଜନା । ଲୋକଙ୍କ ସୁବିଧା ନିମନ୍ତେ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଯୋଜନା କରିଛନ୍ତି । ଏହି ସରକାରୀ ଯୋଜନା ଉପଯୁକ୍ତ ହିତାଧିକାରୀ ପାଇବା ଯୋଗ୍ୟ ବୋଲି ଉପଯକ୍ତ ପ୍ରମାଣ ରହିବା ଜରୁରୀ । ସରକାରୀ ଯୋଜନାକୁ ବିଭିନ୍ନ ଉପାୟରେ ହାତେଇ ନେବା ପାଇଁ ବିଭିନ୍ନ କୌଶଳ ଆପଣାଉଛନ୍ତି ଜନସାଧାରଣ । ୨ମାହାଲା ୩ ମାହାଲା ଅଟ୍ଟାଳିକା ଥିବା ସହିତ ସରକାରୀ ଆବାସ ଓ ଘରବାଡି ଥାଇ ଭୂମିହୀନ ଦର୍ଶାଇ ସରକାରୀ ଜମି ହଡପ କରାଯାଉଛି । ହେଲେ ଏସବୁ ଦିଗରେ ସରକାରୀ କର୍ମଚାରୀ ଜାଣି ଅଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ କିପରି ସାମିଲ କରାଯାଉଥିବାରୁ ପ୍ରକୃତ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଂଚିତ ହେଉଛନ୍ତି । ହେଲେ ସେ ଦିଗରେ ସରକାରୀ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସରକାରଙ୍କ ଉପରେ ଲୋକ ଭରସା ପାଉ ନ ଥିବା ଅଭିଯୋଗ ହୋଇଛି । ନିଜକୁ ଭୂମିହୀନ ଦର୍ଶାଇ କିପରି ସରକାରୀ ଜମି ହାତେଇ ନେଲେ, ଏହି ଘଟଣାକୁ ନେଇ ସରକାରୀ କର୍ମଚାରୀ କେଉଁ ସ୍ୱାର୍ଥରେ କେଉଁ ଆଧାରରେ ଦେଲେ ତାହାକୁ ନେଇ ଜନସାଧାରଣ ଅଭିଯୋଗ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ମଙ୍ଗରାଜପୁର ପଂଚାୟତ ଖଣ୍ଡାସ ଅଂଚଳରେ । ଏହି ଖଣ୍ଡାସ ଗ୍ରାମରେ ଥିବା ମଠ ଜମିକୁ ସରକାରୀ ସ୍ତରରେ ଜଣେ ଭୂମିହୀନକୁ ସରକାରୀ ପଟ୍ଟା ଦିଆଯିବା ଘଟଣାକୁ ନେଇ ଏବେ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଆଜି ରସୁଲପୁର ତହସିଲ କାର୍ଯ୍ୟାଳୟରେ ଖଣ୍ଡାସସ୍ଥିତ ଶ୍ରୀ ଗୋପିନାଥଜୀଉ ମଠ ସେବାୟତ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡା ଗ୍ରାମର ଶତୃଘ୍ନ ଓଝାଙ୍କର ଉକ୍ତ ମୌଜାରେ ୨୮୬ନଂ ଖାତାରେ ତାଙ୍କର ଘରବାଡି ଓ ଚାଷ ଜମି ରହିଛି । ସେ ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ ଗ୍ରାମ ଦେବକୀ ଓଝାଙ୍କୁ ବିବାହ କରିଥିଲେ । ଦେବକୀଙ୍କ ପିତାଙ୍କ ନାମରେ କାକୁଡିକୁଦ ମୌଜାରେ ଘରବଡି ଓ ଚାଷ ଜମି ରହିଛି । କିଛି ଦିନ ପରେ ସେମାନେ ରାଇସୁଙ୍ଗୁଡା ଛାଡି ଖଣ୍ଡାସ ଅଂଚଳକୁ ଆସି ଏକ ପଡିଆରେ ରହି ନିଜ ବେଉସା ଚଳାଇ ଆସୁଥିଲେ । ତେବେ ସେମାନେ ଭୂମିହୀନ ଦର୍ଶାଇ ସରକାରୀ ଜମି ପାଇବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ । ଫଳରେ ସରକାର ସେମାନଙ୍କୁ ୮ ଅଗଷ୍ଟ ୨୦୨୧ ମସିହାରେ ଖଣ୍ଡାସ ମୌଜା ମଠ ଜମି ୪୩୨/୧୫୪ ଖାତାରୁ ଏ୦,୦୨ଡି. ସେମାନଙ୍କୁ ସରକାରୀ ପଟ୍ଟା ପ୍ରଦାନ କରାଯାଇଛି । ଏହି ଜମିରେ ସେ ନ ରହି ଅନ୍ୟ ମଠ ଜମିରେ ଅସ୍ଥାୟୀ ଘର କରି ଏହାର ଚତୃପାର୍ଶ୍ୱ ଜମିକୁ ମାଡି ବସିଛନ୍ତି । ମଠ ଜମି ଜବର ଦଖଲ ହେଉଥିବା ନେଇ ମଠ ସେବାୟତ ଓ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଏବଂ ସେ ଏହି ସ୍ଥାନରେ ସରକାରୀ ପଟ୍ଟା ପାଇଥିବା ମଠ ସେବାୟତ ଓ ଗ୍ରାମବାସୀଙ୍କୁ କହିଥିଲେ । ତେବେ ସେମାନେ ଚଂଚକତା କରି ସରକାରୀ ଜମି ହାତେଇଥିବା ମଠ ସେବାୟତ ଓ ଗ୍ରାମବାସୀ ଜାଣିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ଆଜି ଖଣ୍ଡାସ ମଠ ସେବାୟତ ଗୌରାଙ୍ଗ ଚନ୍ଦ୍ର ଦାସ,ଶଙ୍ଖ ମଠ ମହନ୍ତ ପରମେଶ୍ୱର ଦାସ ଓ ପୁରୁଷୋତମ ମଠ ମହନ୍ତ ପବିତ୍ର ଦାସ ଓ ଗ୍ରାମର ପ୍ରଶାନ୍ତ ମୁଦୁଲି, ବୁଲବୁଲ ନାୟକ, ୱାର୍ଡ ମେମ୍ବର ବିଦ୍ୟାଧର ପାଣିଗ୍ରାହୀ, ଦୋଳଗୋବିନ୍ଦ ପାଣ୍ଡେ,ଶରତ ପୋଥାଳ,ସାଧୁ ମୁଦୁଲି,ସୁରେନ୍ଦ୍ର ମୁଦୁଲି, ପରମେଶ୍ୱର ମଲ୍ଲିକ, ବିଷ୍ଣୁ ଦାସ, ବାବୁଲା ନାୟକ, ବସନ୍ତ ପାଣ୍ଡେ, ସନ୍ତୋଷ ଓଝା ଓ ମାନସ ଦାସ ପ୍ରମୁଖ ରସୁଲପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ କାଗଜ ପତ୍ର ଯାଂଚ କରାଯିବ ଓ ଘଟଣାସ୍ଥଳକୁ ୨ ଦିନ ଭିତରେ ତଦନ୍ତ କରାଯିବ ବୋଲି ତହସିଲ ପକ୍ଷରୁ ପ୍ରତିଶୃତି ଦିଆଯାଇଛି । ତେବେ ସରକାରୀ ଜମିକୁ ଚଂଚକତା କରି ହାତେଇବା ଘଟଣାକୁ ନେଇ ଏବେ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

# ବାବା ବଳିଆଙ୍କ ପରିବେଶ, ଗଣତନ୍ତ୍ର ଓ ଧର୍ମ ସଚେତନତା ଯାତ୍ରା ଆସନ୍ତା ୪ ତାରିଖରେ ବଲାଙ୍ଗୀର ନଗର ପହଂଚିବ

ବଲାଙ୍ଗୀର, ୦୪/୦୭ (ନି.ପ୍ର): ଜାତୀୟସ୍ତରୀୟ ପରିବେଶ, ଗଣତନ୍ତ୍ର ଓ ଧର୍ମ ସଚେତନତାର ୨୦ଦିନିଆ ଯାତ୍ରା ଜଗତସିଂହ ପୁର, ପୁରୀ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଭାବନୀପାଟଣା କାର୍ଯ୍ୟକ୍ରମରେ ସହସ୍ରାଧୁକ ବୃକ୍ଷରୋପଣ ସାରି ସଚେତନତା ସଭାମାନ ଅନୁଷ୍ଠିତ କରାଇ ବଲାଙ୍ଗୀରରେ ପହଂଚିବାର କାର୍ଯ୍ୟକ୍ରମ ଅଛି । ଚଳିତ ମାସ ୪ ତାରିଖ ଠାରୁ ୫ ତାରିଖ ଦୁଇଦିନ ବ୍ୟାପୀ ପରିବେଶ କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ପ୍ରୟର ପତ୍ର ବଂଟନ ସହ ସାମ୍ବାଦିକ ସମ୍ମିଳନୀ, ବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କରେ ଏହି ଜନ ସଚେତନତାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ପ୍ରତ୍ୟହ ସନ୍ଧ୍ୟାରେ କୋଶଳ କଳା ମଣ୍ଡପ, ବଲାଙ୍ଗୀର ଠାରେ ସନ୍ଧ୍ୟା ୬.୩୦ ମି. ସମୟରେ ପରିବେଶ, ଗଣତନ୍ତ୍ର ଓ ଧର୍ମ ସଂପର୍କିତ ବିଶେଷ ସଭା ଶ୍ରୀମଦ୍ ବାବା ବଳିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେବ । ଏହି ସଭାକୁ ବଲାଙ୍ଗୀରର ବିଶିଷ୍ଟ ଓ ବରିଷ୍ଠ ସଚେତନ ନାଗରିକ ଓ ଅନନ୍ତ ବଳିଆ ଟ୍ରଷ୍ଟ ବଲାଙ୍ଗୀର ଶାଖା ଭକ୍ତମାନେ ଆୟୋଜନ କରୁଥିବାବେଳେ ଏଥିରେ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନ ଓ ଜିଲ୍ଲା ବ୍ୟାପୀ ବହୁ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀମଦ୍ ବାବା ବଳିଆଙ୍କ କହିବା କଥା ପରିବେଶ, ଗଣତନ୍ତ୍ର ଓ ଧର୍ମ ଯାହା ପୃଥିବୀ ଓ ଦେଶକୁ ଶାନ୍ତି ପ୍ରଦାନ କରିବାର ବ୍ୟବସ୍ଥା ତାହା ଆଜି ବିଷାକ୍ତ ଓ ଅଶାନ୍ତ ହୋଇପଡ଼ିଛି । ଏଣୁ ଆଜିଠୁ ଏଥିପ୍ରତି ସଜାଗ ଓ ସଚେତନ ହୋଇ କଥାରେ ନୁହେଁ କାର୍ଯ୍ୟରେ ଏସବୁଙ୍କୁ ପରିଣତ ନକଲେ ଆଗାମୀ ପୀଢ଼ିଙ୍କ ଜୀବନ ବିପଦ ପୂର୍ଣ୍ଣ ହୋଇଉଠିବ । ଏଣୁ ଶ୍ରଦ୍ଧାଳୁ କର୍ମକର୍ତାମାନେ ଏଥିରେ ଯୋଗଦେବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ ।

## ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

ଜୟପୁର, ୦୪/୦୭ (ନି.ପ୍ର): ଚଳିତ ସଂସଦ ଅଧିବେଶନ ରେ ସାଂସଦ ରାହୁଲ ଗାନ୍ଧୀ ହିନ୍ଦୁ ମାନେ ହିଂସ୍ରକ ଏବଂ ଘୃଣା ପ୍ରସାର କରୁଥିବା ମନ୍ତବ୍ୟ କୁ ବିଶ୍ୱ ହିନ୍ଦୁ ପରିଷଦ ଜୟପୁର ଜିଲ୍ଲା ତରଫରୁ ତୀବ୍ର ବିରୋଧ କରି ବସଷ୍ଟାଣ୍ଡ ଛକରେ ରାହୁଲ ଗାନ୍ଧୀଙ୍କ କୁଷପୁତଳିକାରେ ଅଗ୍ନି ସଂଯୋଗ କରିଥିଲେ । ସ୍ଥାନୀୟ ରଘୁନାଥ ମନ୍ଦିର ଛକରୁ ଏକ ବିରୋଧ ଶୋଭାଯାତ୍ରାରେ ରାହୁଲ ଗାନ୍ଧୀ ମୂର୍ଦାବାଦ,ରାହୁଲ ହିନ୍ଦୁ ବିରୋଧୀ ମନ୍ତବ୍ୟ ପାଇଁ ହିନ୍ଦୁ ସମାଜକୁ କ୍ଷମା ମାଗନ୍ତୁ ଏହି ଭଳି ବିଭିନ୍ନ ନାରା ଦେଇ ବିରୋଧ ପ୍ରଦର୍ଶନ କରିଥିଲେ । ଏହି ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ଗୋ ସେବା ପ୍ରମୁଖ ରଜନୀ ନାୟକଙ୍କ ସହ ଲଳିତ ଅଗ୍ରୱାଲ, ଡମ୍ବରୁ ପାଣିଗ୍ରାହି, ସୁରେଶ ନନ୍ଦ, ନିରଞ୍ଜନ ପାଣିଗ୍ରାହି, ରାଜ ଦାସ, ଲୁନା ପାଢ଼ୀ, ରାଜକୁମାର ଅଗ୍ରବାଲ, ସନ୍ତୋଷ ସାହୁ, ସନ୍ତୋଷ ମହାପାତ୍ର ପ୍ରମୁଖ ରହିଥିଲେ ।

## ବନମହୋତ୍ସବ ପାଳିତ

ଜୟପୁର, ୦୪/୦୭ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ୍ ଶାଖା , ଛାତ୍ର ଆରକ୍ଷୀ ବାହିନୀ, ସ୍କାଉଟ ଓ ଗାଇଡ୍ ,ଆଇନ ସାକ୍ଷରତା ଶାଖା ଏବଂ ସବୁଜ ବାହିନୀ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଏବଂ ବିଦ୍ୟାଳୟର ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଂଜନ ଗୌଡ଼, ଶୁଭସ୍ମିତା ସାହୁ,ସୋମନାଥ ଶାକିଆ, ରଶ୍ମିତା ନାହାକ, ଦେବେନ୍ଦ୍ର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ରହି ନିମ୍ବ, ଅଁଳା, ପିଜୁଳି, ଜାମୁ ଇତ୍ୟାଦି ବୃକ୍ଷ ରୋପଣ କରିଥିଲେ ।

# କୃଷକ ବିକାଶ ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ମୁଗ କିଣା

କେନ୍ଦ୍ରାପଡ଼ା, ୦୪/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ସମବାୟ ସମିତି ଜରିଆରେ ଅଙ୍ଗୁଳାଇ ପଂଚାୟତ ନିଳାଦ୍ରିପୁର ଠାରେ ଚାଷୀ ମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ଦର ରେ ମୁଗ କିଣା ଆରମ୍ଭ ହୋଇଛି । ୩୨ଜଣ ଚାଷୀଙ୍କ ଠାରୁ ୮୩ କ୍ୱିଂଟାଲ ମୁଗ ସରକାରୀ ଦର କିଲୋ ପିଛା ୮୫ ଟଙ୍କା ୫୭ ପଇସା ହାରରେ କିଣା ଯାଇଛି । ମାର୍କଫେଡ ପରିଚାଳିତ ଏହି ମୁଗ କ୍ରୟ କାର୍ଯ୍ୟକ୍ରମ କୁ କୃଷକ ବିକାଶ ସମବାୟ ସମିତି ର ସଭାପତି ପ୍ରମୋଦ କୁମାର ସାହୁ ଶୁଭାରମ୍ଭ କରିଥିଲେ । ଏହି ଉଦ୍‌ଘାଟନ ସମୟରେ ମାର୍କଫେଡ ର ସର୍ଭେୟର ତୁଷାରକାନ୍ତ ରାଉତରାୟ ଓ ସମିତିର ସଂପାଦକ ଅରବିନ୍ଦ ସାହୁ ଉପସ୍ଥିତ ଥିଲେ । ସଭାପତି ଶ୍ରୀ ସାହୁ କିଣା କାର୍ଯ୍ୟକ୍ରମ ଆରମ୍ଭ କରାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଚାଷୀ ମୁରଲୀଧର ପଣ୍ଡା, ଲକ୍ଷ୍ମୀଧର ରାଉତ, ଦୈତାରୀ ରାଉତରାୟ, ବିନୋଦ କୁାର ଦାସ, ଗଙ୍ଗାଧର ପ୍ରଧାନ ଉପସ୍ଥିତ ଥିଲେ । ଏହି ମୁଗ କିଣା କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖରେ ମଧ୍ୟ ଅନୁଷ୍ଠିତ ହେବ । ଚଳିତ ଥର ସରକାର କୃଷକ ସମବାୟ ସମିତି ଜରିଆରେ ଚାଷୀଙ୍କ ଠାରୁ ସରକାରୀ ଦର ରେ ଧାନ କିଣିବା ପାଇଁ ମାର୍କଫେଡ କୁ ନିର୍ଦ୍ଦେଶ ଦେଇ ଥିବାରୁ ସାଧାରଣ ଚାଷୀ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହିତ ସରକାରଙ୍କୁ ଧନ୍ୟବାଦ ଦଇଛନ୍ତି ।

# ଜୁଲାଇ ୨୭ରେ ହେବ ଆଇସିସିର ଗ୍ରାଣ୍ଡ ନିଯୁକ୍ତି ମେଳା

ଭୁବନେଶ୍ୱର, ୦୪/୦୭ (ନି.ପ୍ର): କୋଲକତାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ତଥା ଏକମାତ୍ର ନ୍ୟାସନାଲ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଗ୍ରାଣ୍ଡ ଆଇସିସି ନିଯୁକ୍ତି ମେଳା ଘୋଷଣା କରିଛି । ଏହି କାର୍ଯ୍ୟକ୍ରମ ୨୭ ଏବଂ ୨୮ ଜୁଲାଇରେ ଭୁବନେଶ୍ୱରର ଲୁମ୍ବିନି କନଭେନସନଠାରେ ଅନୁଷ୍ଠିତ ହେବ । ଏଥିରେ ଡ଼ାକ୍ତରଖାନା, ବ୍ୟାଙ୍କ, ଆତିଥ୍ୟ, ଆଇଟି, ଶିକ୍ଷା, ଖଣି, ଅଟୋମୋବାଇଲ୍ ଏବଂ ଏଚ୍‌ଆର୍ କନ୍ସଲଟାନ୍ସି ସମେତ ବିଭିନ୍ନ କ୍ଷେତ୍ର ମଧ୍ୟରେ ଚାକିରି ଖୋଜୁଥିବା ଆଶାୟୀ ଏବଂ ଶୀର୍ଷ ନିଯୁକ୍ତିଦାତା ଅଂଶଗ୍ରହଣ କରିପାରିବେ । ୧୯୨୯ ମସିହାରେ ଜି ଡ଼ି ବିର୍ଲାଙ୍କ ନେତୃତ୍ୱରେ ଏକ ଅଗ୍ରଣୀ ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଇସିସି ସ୍ୱଦେଶୀ ଭାରତୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବାରେ ଆଗରେ ରହିଛି । ଏହାର ସକ୍ରିୟ ଏବଂ ଆଗକୁ ଦେଖୁଥିବା ଆଭିମୁଖ୍ୟ ପାଇଁ ଜଣାଶୁଣା । ଆଇସିସି ଭବିଷ୍ୟତର ଆବଶ୍ୟକତାକୁ ଆଶା କରିବା, ଆହ୍ୱାନର ମୁକାବିଲା କରିବା ଏବଂ ଉଦୀୟମାନ ସୁଯୋଗରୁ ଲାଭ ପାଇବାକୁ ହିତାଧିକାରୀମାନଙ୍କୁ ପ୍ରସ୍ତୁତ କରିବା ଜାରି ରଖିଛି । ଚାକିରି ଖୋଜୁଥିବା ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ଏବଂ ଯୋଗଦାନ ପାଇଁ ଆଇସିସି ନିଯୁକ୍ତି ମେଳା ୨୦୨୪ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାର୍ଟଫର୍ମ ହେବ । ବିଭିନ୍ନ କମ୍ପାନି ଏବଂ ଚାକିରି ଖୋଜୁଥିବା ଲୋକଙ୍କୁ ଏକତ୍ରିତ କରି, ଏହି କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ଦକ୍ଷତା ଏବଂ ଯୋଗ୍ୟତାର ବାସ୍ତବ ସମୟର ମୂଲ୍ୟାଙ୍କନକୁ ସୁଗମ କରିବ । ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବ ଏବଂ ଅର୍ଥପୂର୍ଣ୍ଣ ସଂଯୋଗ ସ୍ଥାପନ କରିବ । ଏହି ଗତିଶୀଳ ବିନିମୟ ଆକ୍ସେସିବିଲିଟି ବୃଦ୍ଧି, ନେଟୱାର୍କିଂକୁ ବୃଦ୍ଧି କରିବା ଏବଂ କର୍ମଜୀବୀ ଇକୋସିଷ୍ଟମକୁ ମଜବୁତ କରି ଏହି ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ ବୋଲି ଆଶା କରାଯାଉଛି । ଦୁଇ ଦିନ ମଧ୍ୟରେ ୪୦୦୦ ରୁ ୫୦୦୦ ଅଂଶଗ୍ରହଣକାରୀଙ୍କ ଏହି ପ୍ରତୀକ୍ଷିତ ଉପସ୍ଥାନ ସହିତ, ଆଇସିସି ନିଯୁକ୍ତି ମେଳା ସମ୍ଭାବ୍ୟ କର୍ମଚାରୀ ଏବଂ ଶିଳ୍ପ ବୃତ୍ତିଗତଙ୍କ ବିଭିନ୍ନ ଦର୍ଶକଙ୍କୁ ଆକର୍ଷିତ କରିବ । ଏହା ଅର୍ଥନୈତିକ ଅଭିବୃଦ୍ଧି ଏବଂ କର୍ମଜୀବୀ ବିକାଶକୁ ସମର୍ଥନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଅଟେ । ରୋଜଗାରର ସୁଯୋଗ ସୃଷ୍ଟି କରି ଏବଂ ଏକ ଦୃଢ କର୍ମଜୀବୀ ଇକୋସିଷ୍ଟମ ପ୍ରତିପାଦନ କରି ଆଇସିସି ଭାରତୀୟ ଅର୍ଥନୀତିକୁ ସମର୍ଥନ କରିବାର ଲକ୍ଷ୍ୟରେ ପ୍ରତିବଦ୍ଧ ରହିଛି । ଆଇସିସି ନିଯୁକ୍ତି ମେଳା ପରି ଇଭେଣ୍ଟ ମାଧ୍ୟମରେ, ପ୍ରତିଭାକୁ ସୁଯୋଗ ସହିତ ଯୋଡ଼ିବା ଏବଂ ଶିଳ୍ପଗୁଡ଼ିକରେ ପ୍ରଗତି ଚଳାଇବାରେ ଚାମ୍ବର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

# ଇପିଏଫ୍ ନିର୍ଦ୍ଦେଶିକା ପ୍ରତ୍ୟାହାର ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚର ବିକ୍ଷୋଭ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାର ଇପିଏଫ ସଂଶୋଧନ ନିର୍ଦ୍ଦେଶିକାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ଓ ଫେଡ଼େରେସନ ସମୂହ ପକ୍ଷରୁ ଦାବି କରାଯାଇଛି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଶ୍ରମିକ ମିଳିତ ମଂଚର ଏକ ୨୦ ଜଣିଆ ପ୍ରତିନିଧି ଦଳ ଭବିଷ୍ୟନିଧିର ଆଂଚଳିକ ଆୟୁକ୍ତଙ୍କୁ ଭେଟି ୮ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ଇପିଏଫ୍ ଆୟୁକ୍ତ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆଗାମୀ ଦିନରେ ଶ୍ରମିକମାନଙ୍କର ଇପିଏଫ୍ ଜମାକୁ ସୁନିଶ୍ଚିତ କରିବା ସହିତ ଓଡ଼ିଶା ଲଫ୍ଟ ଉଠା ଜଳସେଚନ, ସେସ୍‌କୋ, ଓଟିଏମ୍, ସେଓ୍ୱା ପେପର ମିଲ୍ କାର୍ଯ୍ୟରତ ଶ୍ରମିକମାନଙ୍କର ପେନସନ ଓ ଇପିଏଫ୍ ଅଂଶଧନ ସମସ୍ୟାକୁ ଶିଘ୍ର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବା ସହିତ ପ୍ରତି ୩ ମାସରେ ଥରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଆହୁତ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ । ଗତ ଜୁନ୍ ୧୪ ତାରିଖରେ କେନ୍ଦ୍ର ସରକାରଙ୍କ ଶ୍ରମ ଓ କର୍ମ ସଂସ୍ଥାନ ମନ୍ତ୍ରଣାଳୟ ପକ୍ଷରୁ ୫ଟି ନିର୍ଦ୍ଦେଶିକା ଜାରି କରିଛି ଓ ଏହି ନିର୍ଦ୍ଦେଶିକାରେ ଭବିଷ୍ୟନିଧି ଯୋଜନା ଓ ପେନସନ ଯୋଜନା ସହିତ ଇଡ଼ିଲି ଯୋଜନା ଓ ଅନ୍ୟାନ୍ୟ ଯୋଜନାରେ ସଂଶୋଧନ କରାଯାଇ ଗେଜେଟ୍‌ରେ ପ୍ରକାଶ ହୋଇଛି । ଏହି ପ୍ରତିନିଧିମଣ୍ଡଳୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ସାଧାରଣ ସମ୍ପାଦକ - ବିଜୟ ଜେନା, ଜୟନ୍ତ ଦାସ, ଏଚ.ଏମ୍.ଏସ୍ ସଭାପତି- କୃଷ୍ଣଚନ୍ଦ୍ର ପାତ୍ର ଭୁବନାନନ୍ଦ ମହାପାତ୍ର, ସି.ଆଇ.ଟି.ୟୁ.ର ସମ୍ପାଦକ- ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏ.ଆଇ. ୟୁ.ଟି.ୟୁ.ସିର ସାଧାରଣ ସମ୍ପାଦକ-ଜୟସେନ ମେହେର, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ସାଧାରଣ ସମ୍ପାଦକ- ମହେନ୍ଦ୍ର ପରିଡ଼ା ଓ ବଂଶୀଧର ପରିଡ଼ା, ଟିୟୁସିସିର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ଲକ୍ଷ୍ମୀଦୋରା, ଏଲପିଏଫର ସାଧାରଣ ସମ୍ପାଦକ - ମନୋରଞ୍ଜନ ମହାରଣା ଓ ମଧୁସୁଦନ , ଏଓଇପିଏଫ୍‌ଏର କାର୍ଯ୍ୟକାରୀ ସଭାପତି-ପ୍ରଫୁଲ୍ଲ କୁମାର ଦାସ ଯୋଗଦାନ କରିଥିଲେ । ଏହି ସମସ୍ୟାକୁ ସମାଧାନ କରାନଗଲେ ଆଗକୁ ଶ୍ରମିକ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଚେତାବନୀ ଦେଇଥିଲେ ।

# ବିଜେଡିର ଅବହେଳାରୁ ବଢ଼ିଛି ଦରଦାମ୍ : ବିଜେପି

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଦରଦାମ ନିୟନ୍ତ୍ରଣ କରିବା ପାଇଁ ପ୍ରଳାପ କରୁଥିବା ବିଜେଡି ଗତ ୨୫ ବର୍ଷରେ ଏଥିପାଇଁ କୌଣସି ପଦକ୍ଷେପ ନେଇ ନଥିଲା । ଫଳରେ କିଛି ବର୍ଷ ହେବ ପରିବା ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ବିଜେପି ମାତ୍ର ୨୧ଦିନ ସରକାର ଗଠନ କରିଥିବା ବେଳେ ରାଜ୍ୟରେ ମୁଦ୍ରାସ୍ଫିତି ଗତ ୬ମାସ ହେବ ୭%ରୁ ଅଧିକ ରହିଛି । ବିଜେଡି ଶାସନରେ ଥିବା ଯାଏଁ ଦରଦାମ ବଢ଼ିଚାଲିଥିଲା । ଖାଲି ସେତିକୁ ନୁହେଁ ତତ୍କାଳୀନ ବିଜେଡି ସରକାର କୁନି ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ଲୁଟ୍ କରି ନିଜର ପକେଟ ଗରମ କରିଛି । ମାତ୍ର ଅଳ୍ପଦିନ ତଳେ ଶାସନଭାର ସମ୍ଭାଳିଥିବା ବିଜେପି ସରକାର ଦରଦାମ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଇଛି ବୋଲି ବିଜେପି ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର କହିଛନ୍ତି । ଶ୍ରୀମତି ମିଶ୍ର କହିଛନ୍ତି, ବିଜେଡି ସରକାର ସମୟରେ ଜଳସେଚନ ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଏନେଇ ଚାଷୀମାନେ ଭଲ ଫସଲ ଉତ୍ପାଦନ କରିପାରୁ ନ ଥିଲେ । ଏପରିକି ଗତ ୨୫ ବର୍ଷ ମଧ୍ୟରେ ଗୋଟିଏ ହେଲେବି ଶୀତଳଭଣ୍ଡାର ଖୋଲିପାରିନାହିଁ । ଆଉ ଯେଉଁଠି ଶୀତଳଭଣ୍ଡାର ଥିଲା ସେଗୁଡ଼ିକ ଅଚଳ ହୋଇଯାଇଛି । ଫଳରେ ଆଳୁ, ପିଆଜ ଓ ପରିବା ଆଦି ପୂର୍ବରୁ ସଂରକ୍ଷିତ ରଖାଯାଇ ପାରୁନାହିଁ । ଏଥିପାଇଁ ଦରଦାମ ଦିନଦିନକୁ ବଢ଼ି ଚାଲିଛି । ବିଜେପି ସରକାର ଆସିବା ପରେ ଏହି ଅସୁବିଧାକୁ ହୃଦୟଙ୍ଗମ କରି ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲିବାକୁ ଯୋଜନା କରିଛି । ଅପରପକ୍ଷେ ମଣ୍ଡିରେ ଚାଷୀଙ୍କ ଧାନ କିଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥଲା । ଫଳରେ କଳାବଜାରି ବଢ଼ିଚାଲିଥିଲା । ଏଥିଯୋଗୁ ଚାଷୀ ହତାଶ ହେଉଥିବାବେଳେ ଖାଉଟିଙ୍କ ଉପରେ ଏହାର ପ୍ରଭାବ ପଡୁଥିଲା । ତତ୍କାଳୀନ ବିଜେଡି ସରକାର କୁନି ପିଲାମାନଙ୍କ ଚାଉଳ ଓ ଡାଲି ସବୁ ଲୁଟ୍ କରିବା ସହ ଏହାକୁ ବ୍ରିକି କରି ଅନେକ ସମୟରେ ଲାଭବାନ ହୋଇଛି । ଚଳିତ ବର୍ଷ ଅଧିକ ଖରା ହୋଇଥିବାରୁ ଫସଲ ଭଲ ହୋଇପାରିନାହିଁ । ବିଜେପି ସରକାର ଆସିବା ପରେ ବଜାରର ଦରଦାମ ନିୟନ୍ତ୍ରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି । କଳାବଜାରୀ ଉପରେ ରୋକ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଗୋଦାମ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ପିଆଜ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ରରେ ଭାଜପା ସରକାର ୭୧ ହଜାର ଟନ କିଣି ଷ୍ଟକ୍ ରଖିଛନ୍ତି । ଏହି ପିଆଜ ଦର ଯେପରି ଅଧିକ ନ ହେବ ସେଥିପାଇଁ ନାସିକରୁ ପିଆଜ କିଣାଯାଇ ରାଜ୍ୟରେ ଅଧିକ ଷ୍ଟକ ରଖିବାକୁ ବ୍ୟବସ୍ଥା କରାଯାଇଛି । କେନ୍ଦ୍ରରେ ବିଜେପି ସରକାର କୃଷି ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହାର ଲାଭ ଓଡ଼ିଶାକୁ ମଧ୍ୟ ମିଳିବ । ଏହାଦ୍ୱାରା ଚାଷୀ ଅଧିକ ଅମଳ କରିବାକୁ ସକ୍ଷମ ହେବ । ଫଳରେ ପରିବା ଓ ଅନ୍ୟାନ୍ୟ ଖାଦ୍ୟାଶସ୍ୟର ଅଭାବ ଦୂର ହୋଇପାରିବ । ବଜାର ଦର ନିୟନ୍ତ୍ରଣ ପାଇଁ ଜରୁରୀକାଳୀନ ପରିସ୍ଥିତିରେ ନାଫେଡ୍ ଦ୍ୱାରା ରିହାତି ଦରରେ ଖାଉଟିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାରେ ଓଡ଼ିଶାରେ ପ୍ରାୟ ୩୦ ହଜାର ହେକ୍ଟରରୁ ଅଧିକ ଜମିରେ ଜଳସେଚନର ସୁବିଧା କରାଯାଇଥିବାବେଳେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଯୋଜନା କରାଯିବ । ମଣ୍ଡିରେ କଳାବାଜାରୀ ରୋକିବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀମତି ମିଶ୍ର କହିଛନ୍ତି ।

# ସହରୀ ଗୋପାଳନ ଯୋଗୁ ରାଜରାସ୍ତା ପାଲଟିଛି ଗୁହାଳ: ଗୋରୁଗାଈ ପାଇଁ ବଢୁଛି ଦୁର୍ଘଟଣା

ବ୍ୟାସନଗର, ୦୪/୦୭ (ନି.ପ୍ର): ବ୍ୟାସନଗର ସହରର ମୁଖ୍ୟରାସ୍ତା ପାଲଟିଛି ଗୋଶାଳା । ଗାଈ ପାଳିବା ପାଇଁ ମାଲିକମାନେ ଆଉ ଗୁହାଳ କରୁନାହାନ୍ତି । ଦାନା କି ଚୋକଡ଼ କିଣିବାର ଆବଶ୍ୟକତା ନାହିଁ । ଗାଈଗୋରୁ ସହରସାରା ବୁଲୁଥିଲେ ବି ମାଲିକମାନେ ଚିନ୍ତା କରୁନାହାନ୍ତି । କ୍ଷୀର ଦୁହିଁବା ସମୟରେ ଗାଈଗୁଡ଼ିକୁ ଘରକୁ ଅଡ଼େଇ ଆଣି କ୍ଷୀର ଦୁହିଁ ସାରିବା ପରେ ପୁଣି ରାସ୍ତାକୁ ଗୋଡ଼ାଇ ଦେଉଛନ୍ତି । ଏଥିପାଇଁ ସହରସାରା ମାଳମାଳ ବୁଲା ଗାଈ, ଷଣ୍ଢ, ବଳଦ, ବାଛୁରୀ ରାସ୍ତାକୁ କବ୍‌ଜା କରିଦେଉଛନ୍ତି । ଏଥିପାଇଁ ସହରବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି । ଗାଈ ମାଲିକମାନଙ୍କର ଗୋରୁଗାଈ ରଖିବାକୁ ଗୁହାଳ ନାହିଁ । ଖାଇବାକୁ ଦେବାର ନାହିଁକି ଗୋବର ଉଠାଇବା ଚିନ୍ତାନାହିଁ । କେବଳ କ୍ଷୀର ଦୁହିଁବା ପରେ ଗାଈଗୁଡ଼ିକୁ ବାହାରେ ଛାଡ଼ି ଦେଉଛନ୍ତି । ଏହି ଗୋରୁଗାଈ ଦିନରାତି ସହରର ବିଭିନ୍ନ ରାସ୍ତାରେ ଶୋଇ ରହୁଛନ୍ତି । ଖରା ହେଲେ ଗଛମୂଳେ, ବର୍ଷା ହେଲେ ଖୋଲା ଛାତ କିମ୍ବା ଦୋକାନ ବାରଣ୍ଡାରେ ଗାଈଗୁଡ଼ିକ ପଶି ଯାଉଛନ୍ତି । ସହରରେ ଥିବା ବଡ଼ ଛୋଟ ହୋଟେଲ ଓ ଜଳଖିଆ ଦୋକାନରୁ ବାହାରୁଥିବା ବଳକା ଖାଦ୍ୟ କିମ୍ବା ପରିବା ବଜାରରୁ ବାହାରୁଥିବା ପତ୍ର ଓ ପଚାଶଢ଼ା ପରିବା, ଫଳମୂଳ ଏହି ଗାଈଗୋରୁ ଗୁଡ଼ିକର ମୁଖ୍ୟ ଆହାର ପାଲଟିଛି । ଗାଈଗୋରୁ ଗୁଡ଼ିକ ମୁଖ୍ୟରାସ୍ତାରେ ଶୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବଢୁଛି । ପୂର୍ବରୁ ଖୋଲାମେଲାରେ ଛାଡ଼ି ଦେଉଥିବା ଗାଈଗୋରୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦା ରହିଥିଲା । କ୍ଷତି କରୁଥିବା ବୁଲା ଗୋରୁଗାଈଙ୍କୁ ଲୋକେ କାଞ୍ଜିଆହୁଦାକୁ ନେଇ ଯାଉଥିଲେ । ସେମାନଙ୍କୁ ମୁକୁଳାଇବା ପାଇଁ ଗାଈ ମାଲିକମାନେ ଅର୍ଥଦଣ୍ଡ ଗଣୁଥିଲେ । ଏହି ଭୟ ଥିବାରୁ ମାଲିକମାନେ ପଦାକୁ ଗୋରୁଗାଈ ଛାଡୁନଥିଲେ । ହେଲେ ବର୍ତ୍ତମାନ ଏହି ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇଯାଇଛି । ବ୍ୟାସନଗର ସହରରେ ପୂର୍ବରୁ ୪ଟି କାଞ୍ଜିଆହୁଦା ଥିବା ବେଳେ ବର୍ତ୍ତମାନ ପୌରାଞ୍ଚଳରେ ଗୋଟିଏ ବି ନାହିଁ । ଅନେକ ସମୟରେ ଗୋରୁଗାଈ ରାସ୍ତାରେ ଶୋଇ ରହୁଥିବା ଅସୁବିଧାକୁ ନେଇ ବ୍ୟବସାୟୀ, ପଥଚାରୀ ଓ ଗାଡ଼ିଚାଳକ ଅଭିଯୋଗ କରୁଛନ୍ତି । ହେଲେ ପୌର କର୍ତ୍ତୃପକ୍ଷ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ କିମ୍ବା ସଚେତନତା ସୃଷ୍ଟି ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି । ପ୍ରକାଶ ଯେ ଗୋସମ୍ପଦ ବାହାରେ ନଛାଡ଼ି ଘରେ ରଖିବା ପାଇଁ ନିର୍ଦ୍ଦେଶ ଦେବାକୁ ପୌରସଂସ୍ଥାର ନିୟମ ରହିଛି । ହେଲେ ପୌରସଂସ୍ଥା ଏହି ନିୟମକୁ କାର୍ଯ୍ୟକାରୀ କରୁନାହିଁ । ବ୍ୟାସନଗର ସହର ଏବେ ମୁକ୍ତ ଗୋଶାଳାରେ ପରିଣତ ହୋଇଥିବା ବେଳେ ଗୋରୁଗାଈ ଚୋରି ହେଲେ ମାଲିକମାନେ ଥାନାରେ ଅଭିଯୋଗ କରୁଛନ୍ତି । ପୁଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ କରୁଛି । ହେଲେ ରାସ୍ତାକୁ ଗୋରୁଗାଈ ନଛାଡ଼ିବା ପାଇଁ ପୁଲିସ ମଧ୍ୟ ଗୋରୁମାଲିକମାନଙ୍କୁ ଆକଟ କରୁନାହିଁ । ଗମନାଗମନରେ ସୁବିଧା ତଥା ଟ୍ରାଫିକ ସମସ୍ୟା ଦୂର ସହ ଦୁର୍ଘଟଣାରୁ ରକ୍ଷା ପାଇଁ ବୁଲା ଗାଈଗୋରୁ ଗୁଡ଼ିକୁ ମାଲିକମାନେ ଘରେ ବାନ୍ଧି ରଖିବାକୁ ଦାବି ହେଉଛି ।

# ବିଲୁପ୍ତ ହେଉଛି ଦେଶୀ ଧାନ: ୨୦୦୪ମସିହା ସୁଦ୍ଧା ୪୪ ଦେଶୀଧାନ ବିଲୁପ୍ତ ହୋଇଥିଲା

ଭବାନୀପାଟଣା, ୦୪/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ପାରମ୍ପରିକ ଦେଶୀଧାନର ମହକ ଥିଲା ସୁଦୂରପ୍ରସାରୀ । ଦେଶ ବିଦେଶକୁ ଛୁଟୁଥିଲା ଏହାର ମହକ । ବର୍ତ୍ତମାନ ଏହି ବହୁ ପ୍ରଜାତି ଦେଶୀ ଧାନ ଇତିହାସ ପାଲଟିଗଲାଣି । ଗତ ୨୦୦୪ ମସିହାରେ ୧୨୦ଟି ଦେଶୀ ବିହନ ଥିବାବେଳେ ୪୪ଟି ଦେଶୀ କିସମ ଧାନ ବିଲୁପ୍ତ ହୋଇସାରିଥିଲା । ଇତିମଧ୍ୟରେ ପାଖାପାଖି ୨୦ବର୍ଷ ହୋଇସାରିଥିଲା ବେଳେ ଏ ସମ୍ପର୍କରେ ଆଉ ଅନୁଧାନ କରାଯାଇନାହିଁ । ତେବେ, ଆହୁରି ଦେଶୀ ଧାନ ବିଲୁପ୍ତ ହୋଇଥିବା ଅନୁମାନ କରାଯାଉଛି । ୨୦୦୪ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏଫ୍ଆଇଡି ସହାୟତାରେ ଦେଶୀ ଧାନ ଚିହ୍ନଟ ପାଇଁ ଏକ ଟିମ୍ ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଗସ୍ତ କରିଥିଲେ । ନୂଆଦିଲ୍ଲୀର କୃଷି ବୈଜ୍ଞାନିକ ଡ. ବୀରେନ୍ଦ୍ର ଖଟାନା,ଏନ୍‌ଆରଆରଆଇର ପୂର୍ବ ନିର୍ଦ୍ଦେଶକ ଡ. ଜିତେନ୍ଦ୍ର ରଏ ଓ ସହଭାଗୀ ବିକାଶ ଅଭିଯାନର ଅଧକ୍ଷ ଜଗଦୀଶ ପ୍ରାଧନଙ୍କ ନେତୃତ୍ୱରେ ଏହି ଟିମ୍ ଚାଷୀଙ୍କ ତଥ୍ୟକୁ ଆଧାର କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ସେହିବର୍ଷ ଡିସେମ୍ବର ମାସରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା । ରିପୋର୍ଟରେ ଆମ୍ବଗୁଣ୍ଡି, ଅମ୍ବାଝୁଟା, ବଡ଼ଚେରେଗୁଡି, ବଢ଼ିଆହୁସା, ଭାହାଲଗୋରି, ବାଲିହୁନା, ବେଲାଜୁନା, ଭଟାଖୁଲି, ବିରମଣି, ବିରିଫୁଲା, ଡେଙ୍ଗାବସେଇ, ଧାଙ୍ଗିରିଖୁସା, ଗଏନ୍ଧି, ଗଜପତି, ଗଜେ, ଗେଲେଇକଣ୍ଠି, ଜେନଥା, ଗୋଛାମେଢ଼ା, ହଳଦୀଗୁଣ୍ଡି, ହଂସପୁରୀ, ହୀରନ, ହୁନର, ଜୟଗୁଡ଼ି, ଜଳକେଳି, କଳାସୁ, କନ୍ୟାଶାରୀ, କରାଜି, କରଞ୍ଜ, କିରମାନି, ଲେକ୍ରିସୁଣ୍ଡା, ମହୁଲକାଞ୍ଚି, ମୂରଲୀଜାମ, ନେନାମ, ନୃପତିଭୋଗ, ପାଠି, ପିପଲବାସ, ପଟିରେଗୁଡ଼ି, ରୂପାବାଲି ପାଟି, ସାଲେଦାନ୍ତ, ସୁଆଛାତି, ସୁଗନ୍ଧି, ଠାକୁର ଭୋଗ, ଉତାଖୁଲିଖୁଲି ସମେତ ୪୪ଟି ପ୍ରଜାତିର ଦେଶୀ କିସମ ଧାନ ବିଲୁପ୍ତ ହୋଇସାରିଥିବା ଦର୍ଶାଯାଇଥିଲା । ୧୨୦ ପ୍ରଜାତିର ଦେଶୀଧାନରୁ ୪୪ ଦେଶୀଧାନ ବିଲୁପ୍ତ ହେବା ଏକ ଉଦ୍‌ବେଗଜନକ ଘଟଣା ହୋଇଥିବା ବେଳେ ଇତିମଧ୍ୟରେ ୨୦ବର୍ଷ ବିତିସାରିବାକୁ ବସିଲାଣି । ଏ ବାବଦରେ କୌଣସି ଅନୁଧାନ ମଧ୍ୟ କରାଯାଇନାହିଁ । ଫଳ ?ରେ, ଆହୁରି କିଛି ଧାନ ବିଲୁପ୍ତ ହୋଇଥାଇପାରେ ବୋଲି କୁହାଯାଉଛି । ଅପରପକ୍ଷେ, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର ଧାନ ଉପରେ ଗବେଷଣା ପାଇଁ ଭବାନୀପାଟଣାରେ ଧାନ ଗବେଷଣା କେନ୍ଦ୍ର ରହିଛି । ମାତ୍ର, ଏଠାରେ ନୂତନ ପ୍ରଜାତିର ହାଇବ୍ରିଡ୍ ଧାନ ଗବେଷଣା ଚାଲୁଛି । ବିଲୁପ୍ତ ଧାନମାନଙ୍କ ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ପରମ୍ପରାଗତ କୃଷି ବିକାଶ ଯୋଜନାରେ ଅର୍ଥ ବରାଦ କରାଯାଉଥିଲେ ମଧ୍ୟ ଏହାଉପରେ ଗୁରୁତ୍ୱ ଦିଆଯାଉନାହିଁ । ରାଜ୍ୟ ସରକାର ଏନେଇ ହସ୍ତକ୍ଷେପ କରି ଦେଶୀ ଧାନ ସଂରକ୍ଷଣ ଓ ପ୍ରୋତ୍ସାହନକୁ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।




# ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍

ପୂର୍ବ ତଟ ରେଳପଥ ଦ୍ୱାରା ଉତ୍ସର୍ଗୀକୃତ ସେବା

**01. ରଥଯାତ୍ରା ନିମନ୍ତେ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍ (ତା. 06.07.2024 ଠାରୁ 13.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 06 ଠାରୁ 13.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 06 ଠାରୁ 13.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 06 ଠାରୁ 13.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 07.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 07 ଠାରୁ 13.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 07.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 07.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 07.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 07.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 07 ଠାରୁ 13.07.24 | 0230 | 0810 |
| 08425 | ପଲାସା-ପୁରୀ | 06 ଠାରୁ 13.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 06 ଠାରୁ 13.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 06.07.24 | 2300 | 0415 |
| 08331 | ପଲାସା-ପୁରୀ | 07.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 07 ଠାରୁ 13.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 06.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 06.07.24 | 1045 | 0045 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 06.07.24 | 0900 | 2130 |
| 08355 | ସୋନପୁର-ପୁରୀ | 06.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 06.07.24 | 2300 | 0755 |

**02. ରଥଯାତ୍ରା ନିମନ୍ତେ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍ (ତା. 07.07.2024 ଠାରୁ 14.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 07 ଠାରୁ 14.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 07.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 07 ଠାରୁ 14.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 07.07.24 | 2220 | 0230 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 08.07.24 | 0330 | 0500 |
| 08426 | ପୁରୀ-ପଲାସା | 07 ଠାରୁ 14.07.24 | 1640 | 0025 |
| 08332 | ପୁରୀ-ପଲାସା | 08.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 07.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 07.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 07.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 08 ଠାରୁ 14.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 08.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 07.07.24 | 0830 | 0950 |
| 08348 | ପୁରୀ-ବିଶାଖାପାଟଣା | 08.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 08.07.24 | 0015 | 1510 |
| 08352 | ପୁରୀ-ଜୁନାଗଡ଼ ରୋଡ୍ | 07.07.24 | 1925 | 0850 |
| 08356 | ପୁରୀ-ସୋନପୁର | 08.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 08.07.24 | 0230 | 1030 |

**03. ତା. 14 ଏବଂ 15.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 14 ଏବଂ 15.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 14 ଏବଂ 15.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 14 ଏବଂ 15.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 15.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 14.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 15.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 14 ଏବଂ 15.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 15.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 15.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 15.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 15.07.24 | 0515 | 1205 |
| 08497 | ପରାଦ୍ୱୀପ-ପୁରୀ | 14 ଏବଂ 15.07.24 | 0230 | 0820 |
| 08425 | ପଲାସା-ପୁରୀ | 14 ଏବଂ 15.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 14.07.24 | 2300 | 0415 |
| 08331 | ପଲାସା-ପୁରୀ | 15.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 14 ଏବଂ 16.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 14.07.24 | 1045 | 0045 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 14.07.24 | 0900 | 2100 |
| 08355 | ସୋନପୁର-ପୁରୀ | 14.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 14.07.24 | 2300 | 0745 |

**04. ତା. 15 ଏବଂ 16.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 15 ଏବଂ 16.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 15 ଏବଂ 16.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 2220 | 0230 |
| 08426 | ପୁରୀ-ପଲାସା | 15 ଏବଂ 16.07.24 | 1640 | 0025 |
| 08332 | ପୁରୀ-ପଲାସା | 16.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 15.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 15.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 15.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 16.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 16.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 15.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 16.07.24 | 0330 | 0500 |
| 08348 | ପୁରୀ-ବିଶାଖାପାଟଣା | 16 ଏବଂ 18.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 16.07.24 | 0015 | 1510 |
| 08352 | ପୁରୀ-ଜୁନାଗଡ଼ ରୋଡ୍ | 15 ଏବଂ 17.07.24 | 1925 | 0850 |
| 08356 | ପୁରୀ-ସୋନପୁର | 16.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 16.07.24 | 0230 | 1030 |

**05. ତା. 16 ଏବଂ 17.07.2024 ରିଖ (ସୁନାବେଶ) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 16.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 16.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 16.07.24 | 2100 | 0335 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 16.07.24 | 0900 | 2100 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 17.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 16 ଏବଂ 17.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 17.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 16 ଏବଂ 17.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 16 ଏବଂ 17.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 17.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 16 ଏବଂ 17.07.24 | 0230 | 0820 |
| 08425 | ପଲାସା-ପୁରୀ | 16.07.24 | 2100 | 0120 |
| 08341 | କେନ୍ଦୁଝରଗଡ଼-ପୁରୀ | 16.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 16.07.24 | 2300 | 0415 |
| 08331 | ପଲାସା-ପୁରୀ | 17.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 16 ଏବଂ 17.07.24 | 0415 | 0945 |
| 08349 | ଜଗଦଲପୁର-ପୁରୀ | 16.07.24 | 1045 | 0045 |
| 08355 | ସୋନପୁର-ପୁରୀ | 16.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 16.07.24 | 2300 | 0745 |

**06. ତା. 17 ଏବଂ 18.07.2024 ରିଖ (ସୁନାବେଶ) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 17.07.24 | 1505 | 2135 |
| 08494 | ପୁରୀ-ଭଦ୍ରକ | 17.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 17.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 17.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 17.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 17.07.24 | 2220 | 0230 |
| 08426 | ପୁରୀ-ପଲାସା | 17.07.24 | 1640 | 0025 |
| 08332 | ପୁରୀ-ପଲାସା | 18.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 17.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 17.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 17.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 17.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 17.07.24 | 1845 | 2130 |
| 08340 | ପୁରୀ-ଦଶପଲ୍ଲା | 18.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 17.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0330 | 0500 |
| 08350 | ପୁରୀ-ଜଗଦଲପୁର | 18.07.24 | 0015 | 1510 |
| 08356 | ପୁରୀ-ସୋନପୁର | 18.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 18.07.24 | 0230 | 1030 |

**07. ତା. 17 ଏବଂ 18.07.2024 ରିଖ (ଅଧରପଣା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 17.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 17.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 17.07.24 | 2100 | 0335 |
| 08337 | ଦଶପଲ୍ଲା-ପୁରୀ | 18.07.24 | 0800 | 1055 |
| 08435 | ଅନୁଗୁଳ-ପୁରୀ | 18.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 18.07.24 | 0200 | 0825 |
| 08497 | ପାରାଦ୍ୱୀପ-ପୁରୀ | 18.07.24 | 0230 | 0810 |
| 08425 | ପଲାସା-ପୁରୀ | 17.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 17.07.24 | 2000 | 0145 |
| 08343 | କେନ୍ଦୁଝରଗଡ଼-ପୁରୀ | 18.07.24 | 0415 | 0945 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 18.07.24 | 0510 | 0620 |

**08. ତା. 18 ଏବଂ 19.07.2024 ରିଖ (ଅଧରପଣା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 18 ଏବଂ 19.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 18.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 18 ଏବଂ 19.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 18.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 18.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 18.07.24 | 2220 | 0230 |
| 08426 | ପୁରୀ-ପଲାସା | 18.07.24 | 1640 | 0025 |
| 08342 | ପୁରୀ-କେନ୍ଦୁଝରଗଡ଼ | 18 ଏବଂ 19.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 18.07.24 | 2330 | 0445 |
| 08338 | ପୁରୀ-ଦଶପଲ୍ଲା | 19 ଏବଂ 20.07.24 | 0040 | 0330 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0830 | 0950 |
| 08362 | ପୁରୀ-ଭଦ୍ରକ | 19.07.24 | 1505 | 2135 |
| 08434 | ପୁରୀ-ଅନୁଗୁଳ | 19.07.24 | 1540 | 2045 |
| 08370 | ପୁରୀ-ବ୍ରହ୍ମପୁର | 19.07.24 | 2300 | 0500 |
| 08336 | ପୁରୀ-ଦଶପଲ୍ଲା | 19.07.24 | 1845 | 2130 |
| 08399 | ପୁରୀ-ଖୋର୍ଦ୍ଧା ରୋଡ୍ | 20.07.24 | 0045 | 0230 |

**09. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 02419 | ମାଲ୍‌ଦା-ମାଳତୀପାଟପୁର | 04 ଏବଂ 11.07.24 | 0930 | 0355 |
| 03101 | ସିଆଲଦା-ଖୋର୍ଦ୍ଧା ରୋଡ୍ | 06 ଏବଂ 13.07.24 | 0005 | 0830 |
| 08376 | ରାଉରକେଲା-ପୁରୀ | 06 ଏବଂ15.07.24 | 2150 | 1645 |
| 08379 | ବାଦାମପାହାଡ଼-ପୁରୀ | 06 ଏବଂ 14.07.24 | 0600 | 2115 |
| 08381 | ବାଙ୍ଗିରିପୋଷି-ପୁରୀ | 07 ଏବଂ 14.07.24 | 0730 | 1815 |
| 08383 | ରାୟପୁର-ପୁରୀ | 06 ଏବଂ 14.07.24 | 0600 | 2300 |
| 08385 | ରାଉରକେଲା-ପୁରୀ | 06 ଏବଂ 14.07.24 | 1130 | 2315 |
| 08387 | ବାଲେଶ୍ୱର-ପୁରୀ | 06 ଏବଂ 14.07.24 | 1740 | 2345 |

**10. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 03420 | ମାଳତୀପାଟପୁର- ମାଲ୍‌ଦା | 05 ଏବଂ 12.07.24 | 0600 | 2345 |
| 03102 | ଖୋର୍ଦ୍ଧା ରୋଡ୍-ସିଆଲଦା | 06 ଏବଂ 13.07.24 | 1640 | 0200 |
| 08377 | ପୁରୀ-ରାଉରକେଲା | 08 ଏବଂ 16.07.24 | 0200 | 1530 |
| 08380 | ପୁରୀ-ବାଦାମପାହାଡ଼ | 08 ଏବଂ 16.07.24 | 0230 | 1815 |
| 08382 | ପୁରୀ-ବାଙ୍ଗିରିପୋଷି | 08 ଏବଂ 16.07.24 | 0130 | 1345 |
| 08384 | ପୁରୀ-ରାୟପୁର | 08 ଏବଂ 16.07.24 | 0245 | 1600 |
| 08386 | ପୁରୀ-ରାଉରକେଲା | 08 ଏବଂ 16.07.24 | 0315 | 1600 |
| 08388 | ପୁରୀ-ବାଲେଶ୍ୱର | 08 ଏବଂ 16.07.24 | 0115 | 0800 |

ରଥଯାତ୍ରା ସମୟରେ ସଂରକ୍ଷିତ ସୁବିଧା ସ୍ୱତନ୍ତ୍ର ଭଡ଼ା ବିଶିଷ୍ଟ ଟ୍ରେନ୍‌ଗୁଡ଼ିକ ବ୍ୟତୀତ ପୁରୀରୁ ଏବଂ ପୁରୀକୁ ଯାତାୟାତ କରିବାକୁ ଥିବା ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଅଣସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ରୂପେ ଚଳାଚଳ କରିବ। ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ବିଶେଷ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

UTS ON MOBILE
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ECOR YATRA APP | UTS ON MOBILE

or DOWNLOAD from Play Store

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

Rath Yatra on Mobile App
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ପୂର୍ବ ତଟ ରେଳପଥ

D-2/24-25

www.facebook/@EASTCOASTRailway1 www.twitter/@EastCoastRail www.instagram.com/cproecor


# ଉପକାରୀ ପଣସ



ପଣସ ଏକ ସ୍ୱାସ୍ଥ୍ୟପଯୋଗୀ ଫଳ । ଏଥିରେ ଥିବା ଭିଟାମିନ୍, ପଟାସିୟମ, କ୍ୟାଲସିୟମ, ଆଇରନ, ମ୍ୟାଗ୍ନେସିୟମ, ଆଇରନ୍, ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।

**ପାଚନତନ୍ତ୍ର ମଜଭୂତ:-** ପଣସ ମଞ୍ଜିରେ ଫାଇବର ପ୍ରଚୁର ମାତ୍ରାରେ ଥାଏ। ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୂତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

**ଆଖି ପାଇଁ ଭଲ:-** ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡ଼ିତ ଥିଲେ ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଓ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ ।

**ଏନିମିଆ:-** ପଣସ ମଞ୍ଜିରେ ଆଇରନ ଭରପୂର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ, ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

**ଥାଇରଲଡ୍:-** ଯେଉଁମାନେ ଥାଇରଏଡ୍‌ରେ ପୀଡ଼ିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧିଠୁ କମ୍ ନୁହେ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

**କ୍ୟାନସର:-** ପଣସ ମଧ୍ୟରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଂଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।

# କେଶ ଝଡ଼ା ରୋକିବ ପିଆଜ



ପ୍ରଥମେ ପିଆଜ ରସକୁ କେଶରେ ସବୁଅଂଶରେ ଭଲ ଭାବେ ଲଗାଇଦେବା। ଲଗାଇବାର ୩୦ ମିନିଟ୍ ପରେ କେଶକୁ ସାମ୍ପୁ ଦ୍ୱାରା ଧୋଇଦେବା। ପିଆଜ ରସକୁ ଆମେ ପ୍ରତିଦିନ ମହୁ ସହିତ ମିଶାଇ କେଶରେ ଲଗାଇପରିବା।

ପ୍ରତିଦିନ ମୁଣ୍ଡ କୁଣ୍ଡାଇଲେ କିଛି କେଶ ଉପୁଡ଼ିଯାଏ ଓ କେତେକ କ୍ଷେତ୍ରରେ କେଶ ମଧ୍ୟ ବଢ଼ିନଥାଏ। ଯାହାକୁ ଭାବି ଆମେ ବହୁତ ଦୁଃଖ ଅନୁଭବ କରିଥାଉ। ଆମେ ସାଧାରଣତଃ ଭାବୁ ମାନସିକ ଦୁଷ୍ଚିନ୍ତା ଯୋଗୁଁ କେଶ ଝଡ଼ିଥାଏ। ପ୍ରକୃତରେ ଏପରି କିଛି ହୋଇ ନନଡ଼ଥାଏ। କେଶ ଝଡ଼ିବା ରୋକିବାକୁ ଓ କେଶ ବଢ଼ାଇବାକୁ ଆମେ ଅନେକ ପ୍ରକାର କେମିକାଲ ବ୍ୟବହାର କରିଥାଉ। କିନ୍ତୁ ଏଥିରେ କେଶ ଝଡ଼ିବା ବନ୍ଦ ହୋଇନଥାଏ, ବରଂ ଅଧିକ କ୍ଷତି ହୋଇଥାଏ। ଅନେକ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେବେ ଆମ ହାତପାହାନ୍ତାରେ ଏମିତି କିଛି ଜିନିଷ ସବୁ ରହିଛି ଯାହାକୁ ଆମେ କେଶ ଝଡ଼ିବା ରୋକିବା ପାଇଁ ବ୍ୟବହାର କରିପାରିବା। ପୁଣି ସେଗୁଡ଼ିକରେ ପାର୍ଶ୍ୱ ପ୍ରତିକ୍ରିୟାର ବି ଭୟ ନଥାଏ। ଯେପରିକି ପିଆଜ। ପିଆଜ ରସ କେଶ ଝଡ଼ା ରୋକିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇତାଏ। ପିଆଜ ରସ କେଶର ମୂଳକୁ ଶକ୍ତ ରଖେ। ଫଳରେ କେଶ ଝଡ଼ିବା ରସରେ କୌଣସି କେମିକାଲ୍ ନଥାଏ। ସେଥିପାଇଁ ତାକୁ ବ୍ୟବହାର କଲେ ଆମ କେଶର ଉପରେ କିଛି ଖରାପ ପ୍ରଭାବ ପକାଇ ନଥାଏ। ଏଥିରୁ ଆଉ ଏକ ଉପକାର ବି ମିଳିଥାଏ। ଏହି ରସ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ।

# ମନ୍ଦିରରେ ମିଳିଥାଏ ମୃତ୍ୟୁର ଅନୁଭବ



ଆପଣ ଏମିତି ଅନେକ ଫିଲ୍ମ ଦେଖିଥିବେ ଯେଉଁଥିରେ ପୁର୍ନଜନ୍ମ କାହାଣୀ ଥିବ। କିନ୍ତୁ ବାସ୍ତବରେ ଏହାର ଅସ୍ତିତ୍ୱ ଅଛି କି ନାହିଁ ତାହା ଜଣାପଡ଼ି ନାହିଁ। ତଥାପି ଅଧିକାଂଶ ଲୋକ ପୂର୍ବଜନ୍ମର କାହାଣୀ ଶୁଣିବାକୁ ଅଧିକ ଭଲପାଆନ୍ତି। ସେମିତି ଆପଣ ମଧ୍ୟ ଚାହିଁଲେ ନିଜ ପୁର୍ନଜନ୍ମ ବିଷୟରେ ଜାଣିପାରିବେ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ୱାଟ ପ୍ରୋମାନି ନାମକ ଏହି ବୌଦ୍ଧ ମନ୍ଦିରକୁ ଲୋକେ ନିଜ ନିଜକର ପୁର୍ନଜନ୍ମ କାହାଣୀ ଶୁଣିବାକୁ ଆସିଥାନ୍ତି। ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଂକକରୁ ୬୬ କିଲୋମିଟର ଦୂରରେ ଅବସ୍ଥିତ ଏହି ମନ୍ଦିର। ଏଠାରେ ଲୋକଙ୍କୁ ପୁର୍ନଜନ୍ମ ଦେବାପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ବାସ୍ତବରେ ମରିବାକୁ ପଡ଼େନାହିଁ କେବଳ ମୃତ୍ୟୁ ଏବଂ ପୁର୍ନଜନ୍ମ ଅନୁଭବ ହୋଇଥାଏ ଲୋକଙ୍କୁ। ଏଥିପାଇଁ ଲୋକଙ୍କୁ ମନ୍ଦିରରେ ଥିବା କଫିନ୍‌ରେ ଶୋଇବାକୁ ପଡ଼ିଥାଏ। ଏହାପରେ ବୌଦ୍ଧ ଧର୍ମାବଳମ୍ବୀମାନେ ମନ୍ତ୍ର ଉଚ୍ଚାରଣ କରି ଲୋକଙ୍କୁ ମୃତ୍ୟୁର ଅନୁଭବ ଦେଇଥାନ୍ତି ଏବଂ ପୁଣିଥରେ ପୁର୍ନଜନମ ଦେଇ ଜୀବିତ କରାଇଥାନ୍ତି। ଏହି ପ୍ରକ୍ରିୟା ମାତ୍ର ୯୦ ସେକେଣ୍ଡ ପାଇଁ ଚାଲିଥାଏ। ଏହା ଦ୍ୱାରା ଲୋକମାନେ ବିଶ୍ୱାସ କରନ୍ତି ଯେ ସେମାନେ ପବିତ୍ରତା ଲାଭ କରିଛନ୍ତି। ମନ୍ଦିରରେ ୯ ପ୍ରକାର ରଙ୍ଗୀନ କଫିନ୍ ରହିଛି।

# ଏସିରୁ ହୋଇପାରେ ହୃଦ୍‌ରୋଗ



ଆଜିକାଲି ଅଫିସ୍, ଘର, ମଲ୍ ଆଦିରେ ଏୟାର କଣ୍ଡିସନର ସୁବିଧା ଲୋକଙ୍କୁ ମିଳୁଛି। ଏବେ ଯେମିତି ପ୍ରବଳ ଗରମ ଅନୁଭୂତ ହେଉଛି ଲୋକେ ଏସି ଘରୁ ବାହାରିବାକୁ ଚାହୁଁ ନାହାନ୍ତି। ତା'ସହ ଅଫିସ୍‌ରେ ଲୋକଙ୍କୁ ନିତିଦିନ ଏସିରେ ଦୀର୍ଘ ସମୟ ବସି ରହି କାମ କରିବାକୁ ପଡ଼ିଥାଏ। ତେବେ ଏସି କିନ୍ତୁ ଶରୀର ପାଇଁ ଭଲ ନୁହେଁ। ଏସିରେ ଘଣ୍ଟାଏ ବସି ରହିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ବିଏମ୍‌ସି ପବ୍ଲିକ୍ ହେଲ୍‌ଥରେ ପ୍ରକାଶିତ ଏକ ଆଲେଖ୍ୟରୁ ଜଣାପଡ଼ିଛି ଯେ, ଏୟାର୍ କଣ୍ଡିସନର ଶରୀର ଉପରେ ପ୍ରଭାବ ପକାଇଥାଏ। ଏହାଦ୍ୱାରା ହୃଦ୍ ଏବଂ କିଡ୍‌ନୀ ଜନିତ ରୋଗ ହୋଇପାରେ।

ଏହାବାଦ୍ ଶ୍ୱାସକ୍ରିୟାରେ ସମସ୍ୟା ଭୋଗିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ଶ୍ୱାସନଳୀରେ ଯନ୍ତ୍ରଣା ଏବଂ ସଂକ୍ରମଣ ଆଶଙ୍କା ଅଧିକ ଅଛି। ସେହିପରି ଏସିରେ ଅଧିକ ସମୟ ବସି ରହିବା ଦ୍ୱାରା ତ୍ୱଚା ଶୁଷ୍କ ହୋଇଥାଏ। ଏପରିକି ତ୍ୱଚାର ଆର୍ଦ୍ରତା ହ୍ରାସ ପାଏ। ବେଶି ସମୟ ଏସିରେ ବସି ରହିଲେ ମୁଣ୍ଡବିନ୍ଧା, ଅସ୍ଥିରେ ଯନ୍ତ୍ରଣା ଆରମ୍ଭ ହୋଇଥାଏ। ଏହାବାଦ୍ ଥଣ୍ଡା ଘରୁ ପଦାକୁ ବାହାରିଲେ ଥଣ୍ଡା-ଜ୍ୱର ବି ହୋଇଥାଏ। ତେବେ ଅଧିକ ସମୟ ଏସିରେ ରହିବା ଦ୍ୱାରା ଡିହାଇଡ୍ରେସନ, ଆଲର୍ଜି, ଆଜମା ସମସ୍ୟା ମଧ୍ୟ ଦେଖା ଦେଇପାରେ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୫ ଜୁଲାଇ୍ ୨୦୨୪, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନକଲି ହେଲମେଟ ମୟାଜାଲ ଭିତରେ ସଡ଼କ ସୁରକ୍ଷା ନିୟମ ଚୁଲିକି...



### ଅଭୟ କୁମାର ଦାସ

ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢୁଛି। ବ୍ୟାପକ ଧନଜୀବନ ହାନି ସହ ମାଳ ମାଳ ମାମଲା ନ୍ୟାୟାଳୟରେ ରୁଜୁ ହେଉଛି । ତେବେ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହେଲମେଟ ଏବେ ବ୍ୟାପକ ମାତ୍ରାରେ ନକଲି ଭାବରେ ବଜାରକୁ ଆସୁଛି ତାହା ସଡ଼କ ସୁରକ୍ଷା ଦୁର୍ଘଟଣାକୁ ଆହୁରି ବିଗାଡ଼ି ଦେଉଛି। ନିୟମ ଅନୁଯାୟୀ ବାଇକ ଚାଳକମାନେ ନିଜ ନିଜର ସୁରକ୍ଷା ନିମିତ୍ତ ପିନ୍ଧୁଥିବା ହେଲମେଟରେ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ଆଇଏସଆଇ ମାର୍କ ରହିବା ଅତ୍ୟନ୍ତ ଜରୁରୀ। ସେହିପରି ଆଇନଗତ ଭାବେ ଆଇଏସଆଇ ମାର୍କ ନଥିଲେ ସେହି ହେଲମେଟ ଗୁଡ଼ିକ ବଜାରରେ ବିକ୍ରି ହେବା ନିଷିଦ୍ଧ ଓ ଏହାକୁ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି କିନ୍ତୁ ଏ ସବୁ ସତ୍ତ୍ୱେ ଏବଂ ବ୍ୟାପକ ସଚେତନତା ଜାରି ହେଲେ ବି ବଜାରରେ ଶସ୍ତାରେ ବିନା ଆଇଏସଆଇ ମାର୍କା ହେଲମେଟ ବ୍ୟାପକ ଭାବେ ବିକ୍ରି ହେଉଛି ଯାହାକି ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପାଇଁ ଦ୍ୱିଧା ଭିତରକୁ ଠେଲି ଦେଉଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନକଲି ହେଲମେଟ ବା ବିନା ଆଇଏସଆଇ ହେଲମେଟ ଗୁଡ଼ିକ ନିମ୍ନମାନର ହୋଇଥିବାରୁ ଓ ଏଥିରେ ଆଘାତ ପ୍ରତିରୋଧ ଶକ୍ତି ନଥିବାରୁ ଗାଡ଼ି ଚାଳକ ଦୁର୍ଘଟଣା ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ଘଟଣାଟି କେବଳ ଗାଡ଼ି ଚାଳକ ବା ବୁଦ୍ଧିଜିବୀ ମାନଙ୍କ ନୁହେଁ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଫୋରମ ଫର ପ୍ରିଭେନସନ ଅଫ ରୋଡ଼ ଆକ୍ସିଡେଣ୍ଟ ମଧ୍ୟ ଗୁରୁତର ଭାବେ ତଥ୍ୟ ରଖିଛି।

ଏଠାରେ ସୂଚନା ଥାଉକି ୨୦୨୧ ମସିହାରେ ନକଲି ହେଲମେଟ ବିରୁଦ୍ଧରେ ଏହାର ବିକ୍ରି ଓ ବ୍ୟବହାରକୁ ନେଇ ଫୋରମ ଫର ପ୍ରିଭେନସନ ଅଫ ରୋଡ଼ ଆକ୍ସିଡେଣ୍ଟ ପକ୍ଷରୁ କଟକ ଓ ସମ୍ବଲପୁର ପରି ବଡ଼ ସହରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏ ନେଇ ସଂସ୍ଥା ପକ୍ଷରୁ ପରିବହନ ବିଭାଗର ମୁଖ୍ୟ ସଚିବ, କମିଶନର ଓ ଡିସିପିଙ୍କୁ ସାକ୍ଷାତ କରି ତଥ୍ୟଭିତ୍ତିକ ନିବେଦନ କରାଯାଇଥିଲା ଯେ ପ୍ରତି ଥାନା ଅଞ୍ଚଳରେ ଯେପରି ଏହି ନକଲି ଓ ନିମ୍ନମାନର ବିନା ଆଇଏସଆଇ ଯୁକ୍ତ ହେଲମେଟ ନିଜ ନିଜ ଥାନା ଅଞ୍ଚଳରେ ବିକ୍ରି ନହୁଏ ଏ ପ୍ରସଙ୍ଗକୁ କଠୋର ଭାବେ ଦୃଷ୍ଟି ଦେବା ସହ ଏହି ବିକ୍ରି ବିରୁଦ୍ଧରେ ଦୃଢ଼ ଓ ଶିକ୍ଷଣୀୟ କାର୍ଯ୍ୟାନୁଷ୍ଠାନ ନେବେ। ତେବେ ବର୍ତ୍ତମାନ ବଜାରକୁ ଦେଖିଲେ ଯାହା ଜଣାପଡୁଛି ଏହି ନିୟମ କେବଳ କାଗଜ କଲମରେ ଓ ସରକାରଙ୍କ ନିର୍ଦ୍ଦେଶ ଭିତରେ ସୀମିତ ରହିଯାଇଛି। ବଜାରରେ ବିକ୍ରି ହେଉଥିବା ହେଲମେଟ ବିଷୟରେ ତଥ୍ୟ ନେଲେ ଯାହା ଜଣାପଡୁଛି ଅସଲି ହେଲମେଟର ମୂଲ୍ୟ ସର୍ବନିମ୍ନ ଏକ ହଜାର ଟଙ୍କା ପାଖାପାଖି ରହିଛି କିନ୍ତୁ ନକଲି ଗୁଡ଼ିକ ତିନିଶହରୁ ଚାରି ଶହ ଟଙ୍କା ଭିତରେ ମିଳିଯାଉଛି। ହେଲମେଟ ଅସଲି କି ନକଲି ଏହାକୁ ପରୀକ୍ଷଣ କରି ଉନ୍ନତମାନର ସାର୍ଟିଫିକେଟ ଦେବା ଦାୟିତ୍ୱ ହେଉଛି କ୍ୱାଲଟି କଣ୍ଟ୍ରୋଲ ବ୍ୟୁରୋର। ସେହିପରି ହେଲମେଟ କାରବାରକୁ ରୋକିବା, ତଦନ୍ତ ବା ଚଢ଼ଉ କରିବା ଦାୟିତ୍ୱ ପରିବହନ ବିଭାଗର ଅନ୍ତର୍ଗତ ନୁହେଁ। ଅସଲି ହେଲମେଟରେ ଇମପ୍ୟାକ୍ଟ ପ୍ରୁଫ ବ୍ୟବସ୍ଥା ରହିଥାଏ ଯାହାର ଉପର ଭାଗ ଏକ କଠିନ ସ୍ତରରେ ତିଆରି। ଭିତରେ ଏକ ମୋଟା ସ୍ପଞ୍ଜର ଦୃଢ଼ ଆବରଣ ରହିଥାଏ। ଏହାପରେ ଏହାକୁ ଘୋଡ଼ାଇ ରଖିବା ପାଇଁ ଏକ କପଡ଼ାର ବ୍ୟବସ୍ଥା କରାଯାଇଥାଏ। ହେଲମେଟର ବାହାର ପଟେ ଦୁର୍ଘଟଣାବଶତଃ କୌଣସି ତୀବ୍ର ଆଘାତ ବା ମାଡ଼ ହେଲେ ଦୃଢ଼ ସ୍ପଞ୍ଜର ସ୍ତର ଏହି ଆଘାତକୁ ମୁକାବିଲା ନିରୋଧ ଭାବେ ଗ୍ରହଣ କରିଥାଏ ଯାହାଦ୍ୱାରା ହେଲମେଟ ଆରୋହୀର ମୁଣ୍ଡ ପର୍ଯ୍ୟନ୍ତ କୌଣସି ଆଘାତ ପହଞ୍ଚିବା ସମ୍ଭବ ହୋଇନଥାଏ। କିନ୍ତୁ ନକଲି ହେଲମେଟରେ ଏହି ସ୍ପଞ୍ଜର ସ୍ତର ଅତ୍ୟନ୍ତ ନିମ୍ନମାନର ଯାହାକି ସାମାନ୍ୟ ଆଘାତମାତ୍ରେ ଭାଙ୍ଗି ଯାଇଥାଏ। ତେଣୁ ଗାଡ଼ି ଚାଳକ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥାନ୍ତି ଓ କେତେକ କ୍ଷେତ୍ରରେ ଅକାରଣରେ ଜୀବନ ଦୀପ ଲିଭିଯାଇଥାଏ। ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଆରଟିଓ ପକ୍ଷରୁ ଅସଲି ଓ ନକଲି ହେଲମେଟ କିଭଳି ଚିହ୍ନିବେ ଏହାର ନମୁନା ପ୍ରଦର୍ଶନ କରାଯାଇ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ତେବେ ସାମାନ୍ୟ ହାତୁଡ଼ିଟିରେ ଗୋଟିଏ ମାଡ଼ ଦେବା ମାତ୍ରେ ନକଲି ବା ବିନା ଆଇଏସଆଇ ମାର୍କା ହେଲମେଟ ଭାଙ୍ଗିଯିବାର ସମ୍ଭାବନା ରହିଥିବାବେଳେ ଅସଲି ହେଲମେଟରେ ଏହା ସମ୍ଭବ ହୋଇନଥାଏ।

ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ହେଲମେଟ ଚାଳକ ପିନ୍ଧିବା ବାଧ୍ୟତାମୂଳକ ବୋଲି ୧୯୮୮ ମୋଟର ଯାନ ଆଇନର ଧାରା ୧୯୪ରେ କୁହାଯାଇଛି। ୨୦୨୦ ନଭେମ୍ବର ୨୬ରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କୌଣସି ହେଲମେଟ ବିନା ଆଇଏସଆଇ ମାର୍କରେ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ କେବଳ କଟକ, ଭୁବନେଶ୍ୱର ନୁହେଁ ରାଜ୍ୟର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ଏବେ ନକଲି ହେଲମେଟ କାରବାର ବ୍ୟାପକ ହେବାରେ ଲାଗିଛି। ଆମ ମାନଙ୍କ ଭିତରେ ଅନେକ ବାସ୍ତବରେ ଏହି ଅସଲି ଓ ନକଲିର ପ୍ରଭେଦ ସମ୍ପର୍କରେ ଜାଣି ପାରିନଥାନ୍ତି। କେତେକଙ୍କ କ୍ଷେତ୍ରରେ ଏ ନେଇ ସଚେତନତା ଥିଲେ ମଧ୍ୟ ଶସ୍ତା ଲୋଭରେ ନକଲିକୁ କିଣିବାକୁ ପସନ୍ଦ କରିଥାନ୍ତି। ଏହି ନକଲି ହେଲମେଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ସ୍ୱତନ୍ତ୍ର ଦାୟିତ୍ୱ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ଯାହାର କାର୍ଯ୍ୟାଳୟ ରାଜଧାନୀ ଭୁବନେଶ୍ୱରରେ ଥିଲାବେଳେ କେବଳ ସଡ଼କ ସୁରକ୍ଷା ସପ୍ତାହଟିକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମସ୍ତ ଦିନରେ ଏହି ସଂସ୍ଥା ଏକ ପ୍ରକାର ନିଷ୍କ୍ରିୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ନୁହେଁ ଛତୁ ଫୁଟିଲା ଭଳି ରାଜ୍ୟର ବିଭିନ୍ନ ଛୋଟବଡ଼ ସହରରେ ଏହି ନକଲି ହେଲମେଟର ବଜାର ବହୁତ ଜୋର। ବଡ଼ କଥା ହେଉଛି ସମସ୍ତଙ୍କ ସାମ୍ନାରେ, ସମସ୍ତଙ୍କ ଜଣାତରେ ଏହି କାରବାର ହେଉଥିଲେ ମଧ୍ୟ ଉଦାସୀନତା ହିଁ ସବୁଠାରୁ ଉଦବେଗର ପ୍ରସଙ୍ଗ। ଲୋକମାନଙ୍କ ଭିତରେ ସଚେତନତା ସେତେଟା ହୋଇପାରୁ ନାହିଁ। ଶସ୍ତାରୁ ହୀନସ୍ତା ଅର୍ଥ ଶସ୍ତା ହେଲମେଟ କିଣିବା ମାନେ ଦୁର୍ଘଟଣାରେ ଅକାଳ ଜୀବନ ହାନୀ ନିଶ୍ଚିତ। ଆମ୍ଭେମାନେ ନିତିଦିନିଆ ଜୀବନରେ ନିଜ ନିଜର ବ୍ୟକ୍ତିଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ବିଳାସ ଖର୍ଚ୍ଚ ପାଇଁ ହାତ ଖୋଲା ପଇସା ଖର୍ଚ୍ଚ କରୁଥିଲେ ବି ହେଲମେଟ କିଣିବା କ୍ଷେତ୍ରରେ ପ୍ରାୟତଃ ଶସ୍ତାକୁ ଆଦରୁ ଥିବାରୁ ଏହା ହିଁ ସବୁଠାରୁ ବଡ଼ ଦୁର୍ଭାଗ୍ୟର କାରଣ। ପରିବହନ ବିଭାଗ, ସରକାର, ପ୍ରଶାସନ, କ୍ୱାଲିଟି କଣ୍ଟ୍ରୋଲ ବ୍ୟୁରୋ, ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ ଏ ମାନଙ୍କ ଉପରେ କେବଳ ଦୋଷ ଲଦି ଦେଲେ ଆମର ଦାୟିତ୍ୱ ସରିବ ନାହିଁ। ଯେ ପର୍ଯ୍ୟନ୍ତ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମୁଣ୍ଡର ସୁରକ୍ଷା ପାଇଁ ନିଜେ ନ ଚେତି ନ ବୁଝିଛେ ଏହାର ଅର୍ଥ ଆମ୍ଭେମାନେ ନିଜ ଅଭାବନୀୟ ଦୁର୍ଘଟଣା, ଯନ୍ତ୍ରଣା ଓ ମୃତ୍ୟୁକୁ ନିମନ୍ତ୍ରଣ କରୁଛୁ। ପ୍ରଶାସନ ତା ଦାୟିତ୍ୱ ନିର୍ବାହ କରୁ ଆସନ୍ତୁ ଆମ୍ଭେମାନେ ସଚେତନ ହୋଇ ଅନ୍ତତଃ ପକ୍ଷେ ନକଲି ହେଲମେଟ କିଣିବା ନାହିଁ ଏବଂ ନକଲି ହେଲମେଟ ବିକ୍ରି ହେଉଥିବା ନେଇ ସ୍ଥାନୀୟ ପରିବହନ ବିଭାଗକୁ ତତକ୍ଷଣାତ ତଥ୍ୟ ଭିତ୍ତିକ ସୂଚନା ଦେବା।

ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

## ବିଦାୟ ବାଇଡେନ୍...

ବିଶ୍ୱର ସବୁଠୁ ଉନ୍ନତ, ଧନାଢ଼୍ୟ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଉପରେ ଏବେ ସମଗ୍ର ବିଶ୍ୱର ନଜର। ଏହା ସ୍ୱାଭାବିକ ଯେ ଆମେରିକା ଓ ତାହାର ନୂଆ ରାଷ୍ଟ୍ରପତିଙ୍କ ବିନା ବିଶ୍ୱର ଶାନ୍ତି, ସ୍ଥିରତା ଓ ସମୃଦ୍ଧି କଳ୍ପନା କରାଯାଇ ନ ପାରେ। ଚଳିତ ବର୍ଷ ନଭେମ୍ବର ମାସ ୫ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ନିମନ୍ତେ ଦୁଇ ପ୍ରମୁଖ ଦଳ ରିପବ୍ଲିକାନ ଓ ଡେମୋକ୍ରାଟିକ ପାର୍ଟିର ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବିତର୍କ ବା ଡିବେଟ୍ ଆରମ୍ଭ ହୋଇଯାଇଛି। ବହୁଦଳୀୟ ବ୍ୟବସ୍ଥା ସତ୍ତ୍ୱେ ସେଠାରେ ରାଷ୍ଟ୍ରପତି ନିର୍ବାଚନ ପାରମ୍ପରିକ ଭାବେ ଏହି ଦୁଇଦଳ ମଧ୍ୟରେ ସୀମିତ ରହିଛି। ଉଭୟ ଦଳ ଦୁଇଜଣ ଅତି ବୟସ୍କ ନେତାଙ୍କୁ ରାଷ୍ଟ୍ରପତି ଭାବେ ପୁନର୍ବାର ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ ପ୍ରଥମ ପର୍ଯ୍ୟାୟ ଡିବେଟ୍‌ରେ ୮୧ ବର୍ଷ ବୟସର ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ଦଳର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ରିପବ୍ଲିକାନ୍ ପାର୍ଟିର ବର୍ଷିୟ ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ନିଷ୍ପ୍ରଭ ପ୍ରମାଣିତ ହୋଇଛନ୍ତି। ବୟସାଧିକ୍ୟ ଜନିତ କ୍ଷୀଣ ସ୍ୱର, ଦୁର୍ବଳ ସ୍ମରଣଶକ୍ତି ଯୋଗୁଁ ସେ ବଡ଼ପାଟିଆ ଓ କୁହାଳିଆ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ପାଖରେ ଏକ ପ୍ରକାର ହାର ମାନିଛନ୍ତି। ବୟସ ଦୃଷ୍ଟିରୁ ଟ୍ରମ୍ପ ମଧ୍ୟ ଯୁବକ ନୁହନ୍ତି; କିନ୍ତୁ ତାଙ୍କର କହିବାର ଓ ନିଜକୁ ଜାହିର କରିବାର ସାମର୍ଥ୍ୟ ସ୍ପଷ୍ଟ ପ୍ରମାଣିତ କରୁଛି ଯେ ସେ ଏଥର ଜିତିବା ସମ୍ଭାବନା ଅଧିକ। ତେବେ ତାଙ୍କ ବିରୋଧରେ ଥିବା ଅଦାଲତ ମାମଲାର ରାୟ ଏବଂ ତାଙ୍କର ଉଗ୍ର ରକ୍ଷଣଶୀଳ ଓ ବିସ୍ତାରବାଦୀ ନୀତି ଏବଂ ଭାବମୂର୍ତ୍ତିକୁ ନେଇ ରିପବ୍ଲିକାନ୍ ଦଳରେ ଯେଉଁ ବିରୋଧାଭାସ ରହିଛି, ତା' ଉପରେ ତାଙ୍କ ଭାଗ୍ୟ ନିର୍ଭର କରେ। ଅଠସ୍ତରୀ ବର୍ଷୀୟ ଟ୍ରମ୍ପଙ୍କ ଚାରିବର୍ଷର ଶାସନ ଆମେରିକା ଏବଂ ବିଶ୍ୱ ଦେଖିଛି ଏବଂ ସେ ନିଜର ଲଗାମହୀନ ଭାଷା ଓ କାମ ପାଇଁ ନିନ୍ଦିତ। ଦୁଇ ବରିଷ୍ଠଙ୍କ ମଧ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଡିବେଟ୍ ପରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବିଶେଷଜ୍ଞମାନେ କହୁଛନ୍ତି ଯେ ଦୁଇ ବରିଷ୍ଠ ବିଶ୍ୱର ସବୁଠୁ ଶକ୍ତିଶାଳୀ ପଦ ପାଇଁ ନିଜ ନିଜର ପଥକୁ ବିଗାଡ଼ି ଦେଇଛନ୍ତି। ଏମାନେ ପ୍ରତିଦ୍ୱନ୍ଦ୍ୱିତାରେ ରହନ୍ତୁ ବା ନ ରହନ୍ତୁ, ଆମେରିକା କିନ୍ତୁ ଇତିମଧ୍ୟରେ ଏଥରର ରାଷ୍ଟ୍ରପତି ନିର୍ବାଚନ ହାରିଗଲାଣି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଓ ଅନ୍ୟତମ ପୁରୁଣା ଗଣତନ୍ତ୍ର ପାଇଁ ଏଭଳି ସମାଲୋଚନା ଅବଶ୍ୟ ଚିନ୍ତାଜନକ। ବାଇଡେନ୍‌ଙ୍କ ସପକ୍ଷରେ ବୟସ ଓ ତାଙ୍କର ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ନାହିଁ। ଭାବମୂର୍ତ୍ତି ଦୃଷ୍ଟିରୁ ଟ୍ରମ୍ପ ମଧ୍ୟ ଗ୍ରହଣୀୟ ନୁହନ୍ତି ଓ ତାଙ୍କର ବୟସ ମଧ୍ୟ ଭୋଟରଙ୍କୁ ଉତ୍ସାହିତ କରୁନାହିଁ। ସେ ଅତ୍ୟଧିକ ଜାତୀୟତାବାଦୀ ଏବଂ ଅଣଶ୍ୱେତାଙ୍ଗଙ୍କ କର୍ତ୍ତୃତ୍ୱ ବୃଦ୍ଧିକୁ ବିରୋଧ କରନ୍ତି। ରକ୍ଷଣବାଦୀ ଗୋରା ଧନିକ ଗୋଷ୍ଠୀ ତାଙ୍କୁ କେବଳ ସମର୍ଥନ କରୁନାହିଁ, ଆର୍ଥିକ ସହାୟତା ମଧ୍ୟ ଦେଉଛି। ଦ୍ୱିତୀୟତଃ, ଟ୍ରମ୍ପ ନିଜେ ପ୍ରକାଣ୍ଡ ଧନୀ ଓ ନିର୍ବାଚନ ଲଢ଼ିବାକୁ ତାଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ରହିଛି। ସମଗ୍ର ୟୁରୋପରେ ଏବେ ରକ୍ଷଣଶୀଳ ଓ ଶ୍ୱେତାଙ୍ଗ ଦକ୍ଷିଣପନ୍ଥୀ ଦଳଙ୍କର ବିଜୟ ଘଟୁଥିବା ବେଳେ ଆମେରିକାରେ ସେ ପ୍ରକ୍ରିୟାର ପୁନରାବୃତ୍ତି ସମ୍ଭାବନା ଅଧିକ। ବିଶ୍ୱରେ ଆମେରିକାର କର୍ତ୍ତୃତ୍ୱ ବୃଦ୍ଧିକୁ ଅଧିକାଂଶ ଗୋରା ରକ୍ଷଣଶୀଳ ଗୋଷ୍ଠୀ ଚାହୁଁଥିବାରୁ ସେମାନେ ଟ୍ରମ୍ପଙ୍କ ଭଳି ଜଣେ ଦଣ୍ଡା ଟାଣୁଆ ନେତା ଚାହୁଁଛନ୍ତି ଏବଂ ଏଥିରେ ଟ୍ରମ୍ପଙ୍କ ବୟସ ଏକ ପ୍ରସଙ୍ଗ ହେଉ ନାହିଁ। ଅପରପକ୍ଷରେ ବିଶ୍ୱର ସବୁ ଉଗ୍ରଜାତୀୟତାବାଦୀ ସରକାର ଥିବା ଦେଶ ଚାହୁଁଛନ୍ତି ଟ୍ରମ୍ପ ପୁନର୍ବାର ପ୍ରାର୍ଥୀ ହୋଇ ଜିତନ୍ତୁ। ଭାରତ ମଧ୍ୟ ଆପଣା ସ୍ୱାର୍ଥ ଦୃଷ୍ଟିରୁ ବାଇଡେନ୍‌ଙ୍କ ସ୍ଥାନରେ ଟ୍ରମ୍ପଙ୍କୁ ଚାହିଁବ। ତେଣୁ ଟ୍ରମ୍ପଙ୍କ ପାଇଁ ଯଦି ଅଦାଲତି ପ୍ରତିବନ୍ଧକ ନ ଥାଏ, ତେବେ ସେ ପ୍ରାର୍ଥୀ ହେବା ପ୍ରାୟ ନିଶ୍ଚିତ। ତାଙ୍କୁ ରିପବ୍ଲିକାନ ପାର୍ଟି ବଦଳାଇବାର ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ। ଏକ ମ୍ଳାନ ଭାବମୂର୍ତ୍ତି ସମ୍ପନ୍ନ ଟ୍ରମ୍ପଙ୍କୁ ତାଙ୍କ ଦଳ ପୁନର୍ବାର ପ୍ରାର୍ଥୀ କରିବାକୁ ଯେଉଁ ବ୍ୟଗ୍ରତା ପ୍ରକାଶ କରୁଛି, ତା'ପଛରେ ଦେଶର ଭୋଟରଙ୍କ ମନୋଭାବର ଝଲକ ବୋଧହୁଏ ରହିଛି। ତେବେ ଆଉ ଅଳ୍ପ ଦିନ ପରେ ସବୁ କଥା ସ୍ପଷ୍ଟ ହୋଇଯିବ। ଏଥିରେ ଆନୁଷ୍ଠାନିକ ଶିକ୍ଷା ନଥିବା ବ୍ୟକ୍ତି, ଦୁର୍ନୀତି ଅଭିଯୋଗରେ ପଦଚ୍ୟୁତ, ଅବିବାହିତ, ପନ୍ଦର ସନ୍ତାନର ଜନକ, ରକ୍ଷିତାଙ୍କଠାରୁ ସନ୍ତାନ ଜନ୍ମ କରାଇଥିବା ବ୍ୟକ୍ତି, ଅନାଥ, ଦରିଦ୍ର, ଧନୀ, ମଧ୍ୟମବର୍ଗ, ବହୁ ପତ୍ନୀକ, ବେଶ୍ୟାସକ୍ତ ଓ ଯୌନାଚାରରେ ଲିପ୍ତ ବ୍ୟକ୍ତି ଅନ୍ତର୍ଭୁକ୍ତ। ତାହାର ତାଲିକା ମଧ୍ୟ ବେଶ ଲମ୍ବା। ଏହା ସେଠାକାର ସଂସ୍କୃତି ଓ ବ୍ୟବସ୍ଥାରେ ଏକ ନିନ୍ଦନୀୟ କାର୍ଯ୍ୟ ନୁହେଁ। ପୂର୍ବତନ ରାଷ୍ଟ୍ରପତି ଆଣ୍ଡ୍ର୍ୟୁ ଜନସନଙ୍କ ଭାଷାରେ 'ଆମେରିକାରେ ସମସ୍ତେ ରାଷ୍ଟ୍ରପତି ପଦକୁ ଯାଇପାରିବେ, ସେ ନିଜେ ତ ନିରକ୍ଷର ପିତାମାତାଙ୍କଠାରୁ ଜନ୍ମ ନେଇଥିଲେ ଏକ କାଠ କ୍ୟାବିନ୍‌ରେ। ତାଙ୍କ ନିଜର କୌଣସି ଆନୁଷ୍ଠାନିକ ଶିକ୍ଷା ନଥିଲା। ବହୁ ଘାତ ପ୍ରତିଘାତ ମଧ୍ୟରେ ଜୀବନରେ ଉପରକୁ ଉଠି ସେ ହ୍ୱାଇଟ୍‌ହାଉସ୍‌କୁ ଯାଇଥିଲେ ରାଷ୍ଟ୍ରପତି ଭାବରେ।' ଏସବୁ ଭିତରେ ଆମେରିକା ରାଷ୍ଟ୍ରପତି ପଦ ପାଇଁ ଅତି ବୟସ୍କ ନେତାଙ୍କୁ ବାଛିବାର ରହସ୍ୟ କ'ଣ ? ବୋଧହୁଏ ଆମେରିକା ନୂଆ ବାସ୍ତବତା ସହିତ ବଦଳୁଛି ଏବଂ ବୟସ୍କ ଓ ଅନୁଭବୀ ନେତାଙ୍କ ଭିତରେ ଆମେରିକାର ଭାଗ୍ୟ ଓ ଭବିଷ୍ୟତକୁ ଗୁରୁତ୍ୱ ଦେଉଛି। ପ୍ରଥମ ପର୍ଯ୍ୟାୟ ବିତର୍କରେ ବାଇଡେନ୍ ନିଷ୍ପ୍ରଭ ହୋଇଯାଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ବିଜୟୀ କୁହାଯାଇ ନପାରେ। ତାଙ୍କ ଭାବମୂର୍ତ୍ତି ଏବେ ମଧ୍ୟ ତାଙ୍କୁ ଭୂତ ପରି ଗୋଡ଼ାଉଛି। ଦୁଇନେତାଙ୍କ ମଧ୍ୟରେ ପ୍ରଥମ ବାକ୍ୟଯୁଦ୍ଧରେ ଯିଏ ଜିତୁ ପଛେ ଆମେରିକା କିନ୍ତୁ ବୟସ୍କଙ୍କୁ ନିର୍ବାଚନ ମୈଦାନକୁ ଠେଲି ଦେଇ ରାଷ୍ଟ୍ରପତି ନିର୍ବାଚନରେ ହାରିବାକୁ ଯାଉଛି। ଦୁଇଦଳର ପରବର୍ତ୍ତୀ ବିତର୍କ ସ୍ଥିର କରିବ ଏହା ବୟସ୍କଙ୍କ ଲଢ଼େଇ ହେବ ନା ନୂଆ ପିଢ଼ିର ନେତା ମଇଦାନକୁ ଆସିବେ।

# ତିନି ନୂତନ ନ୍ୟାୟ ସଂହିତା



### ସୌଭାଗ୍ୟ ରଂଜନ ମହାନ୍ତି

ଜୁଲାଇ ପହିଲାରୁ ଦେଶରେ ତିନୋଟି ନୂତନ ଅପରାଧିକ ଆଇନ ଭାରତୀୟ ନ୍ୟାୟା ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟା ସଂହିତା ଲାଗୁ ହୋଇଛି। ଏହି ତିନୋଟି ନୂତନ ଆଇନ ଯଥାକ୍ରମେ ଦେଶରେ ବ୍ରିଟିଶ ଶାସନ କାଳରୁ ବଳବତର ଥିବା ଭାରତୀୟ ଦଣ୍ଡସଂହିତା(ଆଇପିସି), ଫୌଜଦାରୀ ଅପରାଧ ସଂହିତା(ସିଆରପିସି) ଏବଂ ଭାରତୀୟ ସାକ୍ଷ୍ୟ ଆଇନ(ଆଇଇଏ)ର ସ୍ଥାନ ନେଇଛି। ଏହି ନୂତନ ଆଇନ ବଳରେ ଦେଶବ୍ୟାପୀ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଏହାର ପ୍ରଚଳନ ନେଇ ଉଭୟ ପୋଲିସ ଓ ନ୍ୟାୟିକ ବ୍ୟବସ୍ଥାରେ ଏବେ ବି ଆଶଙ୍କା ଉପୁଜିଛି। ତେବେ ଏହା ନିସନ୍ଦେହ ଯେ, ୧୮୬୦ରେ ପ୍ରଣିତ ଆଇପିସି, ୧୮୭୨ରେ ପ୍ରଣୀତ (ଆଇଇଏ) ଏବଂ ୧୯୯୮ରେ ଆଇନର ସଂଶୋଧନ ପୂର୍ବକ ୧୯୭୩ ମସିହାରେ ପ୍ରଣୀତ ସିଆଇପିସି ଆଇନରେ ଉଭୟ ପୋଲିସ ଓ ବିଚାରଳୟ ଅଭ୍ୟସ୍ତ ହୋଇଯାଇଥିଲେ। ଏପରିକି ଏହି ଆଇନଗୁଡ଼ିକରେ ଥିବା ଦଫା, ଧାରାଗୁଡ଼ିକ ଉଭୟ ପୋଲିସ, ଆଇନଜୀବୀ ଓ ବିଚାରପତିମାନଙ୍କର ମୁଖସ୍ତ ହୋଇଯାଇଥିଲା। ଏବେ ନୂତନ ଆଇନରେ ଥିବା ଦଫା, ଧାରାଗୁଡ଼ିକ ମନେ ରଖିବାକୁ ଆଇନକୁ କାର୍ଯ୍ୟକାରୀ କରିବାର ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବ୍ୟକ୍ତିବିଶେଷ ଓ ବ୍ୟବସ୍ଥାକୁ ବହୁ ସମୟ ଲାଗିବ, ଏହା ନିସନ୍ଦେହ। ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ ଯେ, ବିଦାୟୀ ଆଇନରେ ୩୦୨ ଦଫା ଅର୍ଥାତ ହତ୍ୟା ଅପରାଧ ହୋଇଥିବାବେଳେ ନୂତନ ଆଇନରେ ଏହା ୧୦୩(୧) ଧାରା ନେଇଛି। ଆଇନ ଥିବା ଠକେଇ ଅପରାଧ ପାଇଁ ୪୨୦ ଆଉ ଶୁଣିବାକୁ ମିଳିବ ନାହିଁ। ତେବେ ୪୨୦ ଏଭଳି ଅପରାଧ ପାଇଁ ଧାରା ୩୧୮ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହା ନିସନ୍ଦେହ ଯେ, ଭାରତୀୟ ଅପରାଧିକ ନ୍ୟାୟା ପଦ୍ଧତି ଦୀର୍ଘ ଦିନରୁ ସଂସ୍କାର ଆବଶ୍ୟକ କରୁଥିଲା। ବିଦାୟୀ ଆଇନରେ ନ୍ୟାୟା ପ୍ରଦାନ ବିଳମ୍ବ ହେଉଥିବାବେଳେ ଜେଲଗୁଡ଼ିକରେ ବିଚାରଧୀନ କଏଦୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଥିଲା। ପିଡ଼ିତଙ୍କୁ ନ୍ୟାୟା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବାବେଳେ ଅଦାଲତଗୁଡ଼ିକ ମାମଲାରେ ରୁଦ୍ଧ ହୋଇଯାଉଥିଲା। କିନ୍ତୁ ନୂତନ ଆଇନଗୁଡ଼ିକ ବଳରେ ମାମଲାଗୁଡ଼ିକର ଯଥାଶୀଘ୍ର ଫଇସଲା କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ନୂତନ ଅପରାଧିକ ଆଇନଗୁଡ଼ିକରେ ଜିରୋ ଏଫଆଇଆର ବ୍ୟବସ୍ଥା, ମାମଲାର ବିଚାରରେ ଭିଡିଓ ଓ କନ୍‌ଫରେନସ୍‌ରେ ନିଶ୍ଚିତତା, ତ୍ୱରିତ ବିଚାର ଓ ୪୫ ଦିନ ଅର୍ଥାତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ସାଂପ୍ରତିକ ସମୟରେ ବଢିଚାଲିଥିବା ଭିଡ ହିଂସା, ଶିଶୁ, ମହିଳା ବଳାତ୍କାର ଆଦି କେତେକ କ୍ଷେତ୍ରରେ କଠୋର ତଥା ଆଜୀବନ ଜେଲ, ଅର୍ଥଦଣ୍ଡ ବ୍ୟବସ୍ଥା ରହିଛି। ସେହିପରି ରାଷ୍ଟ୍ରବିରୋଧୀ ଅପରାଧ ଓ ଆତଙ୍କବାଦର ନୂତନ ସଂଜ୍ଞା ନିରୁପଣ କରାଯାଇଛି। ଏହା ନିଶ୍ଚିତ ଯେ, ଦେଶରେ ଏବେ ବହୁ ଆଇନ ଅତି ପୁରୁଣା ହୋଇଗଲାଣି, ଯାହାକି ବର୍ତ୍ତମାନର ସମୟ ପାଇଁ ଆଉ ଗୁରୁତ୍ୱ ରଖେ ନାହିଁ। ଅବଶ୍ୟ ଇତିମଧ୍ୟରେ ସରକାର ଶହ ଶହ ପୁରୁଣା ଆଇନକୁ ରଦ୍ଦ କରି ସାରିଲେଣି। ସାଂପ୍ରତିକ ସମୟକୁ ଦୃଷ୍ଟିରେ ରଖିଲେ, ନୂତନ ଆଇନରେ ଥିବା ବ୍ୟବସ୍ଥା ଗୁଡ଼ିକ ଯେ, ସମୟୋପଯୋଗୀ ଏବଂ ଏକ ମାଇଲଖୁଂଟ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କିନ୍ତୁ ପାର୍ଲିଆମେଂଟରେ ବିରୋଧି ଦଳର ଅନୁପସ୍ଥିତିରେ ଏବଂ ବିନା ବିତର୍କରେ ଅତ୍ୟନ୍ତ ତରବରିଆ ଭାବେ କେବଳ ଧ୍ୱନୀମତରେ ଯେପରି ଗୃହୀତ ହୋଇଛି। ଭବିଷ୍ୟତରେ ଏଥିରେ ମାତ୍ରାଧିକ ତୃଟି ଏବଂ ଅସଂଗତି ପରିଲକ୍ଷିତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଆଇନ ବିଶେଷଜ୍ଞଙ୍କ ମତରେ ଏଭଳି ମହତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ସମୟରେ ବ୍ୟାପକ ବିଚାରବିମର୍ଷ ବିର୍ତକର ଆବଶ୍ୟକତା ରହିଥିଲା। ନିକଟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏବଂ କେତେକ ହାଇକୋର୍ଟର ମୁଖ୍ୟ ବିଚାରପତି ନୂତନ ଆଇନ ସମ୍ପର୍କରେ କୌଣସି ମତଦେବାକୁ ମନା କରିଦେଇଥିବା ବେଳେ ଭବିଷ୍ୟତରେ ସେହି ପ୍ରସଙ୍ଗ ବିଚାରାଧୀନ ବୋଲି ବିବେଚନା କରାଯିବ। ଅର୍ଥାତ ସର୍ବୋଚ୍ଚ ଅଦାଲତର ତର୍ଜମା ପରିସର ହେବା ସଂକେତ ପ୍ରଦାନ କରେ। ଅନ୍ୟପକ୍ଷରେ କେତେକ ରାଜ୍ୟ ଆଇନଗୁଡ଼ିକର ହିନ୍ଦିରେ ନାମକରଣକୁ ନେଇ ଆପତି ଉଠାଇଛନ୍ତି। ଆଇନଗୁଡ଼ିକର ଇଂରାଜୀ ନାମ ନଥିବାରୁ ଆଂଚଳିକ ଭାଷାରେ ଅନୁବାଦ ବିଳମ୍ବ ହେବା ନେଇ ବହୁ ରାଜ୍ୟ ଦର୍ଶାଇଛନ୍ତି। ନୂତନ ଆଇନରେ ଥିବା ଏତଲା ରୁଜୁ ପୂର୍ବରୁ ଜଣେ ପୋଲିସ ଅଫିସର ୧୫ଦିନ ପର୍ଯ୍ୟନ୍ତ ତଦନ୍ତ କରିବା ତଥା ଅଭିଯୁକ୍ତ ୧୫ଦିନ ପର୍ଯ୍ୟନ୍ତ ପୋଲିସ ହାଜତରେ ରଖାଯିବା ଯାହାକି ସ୍ୱରାଷ୍ଟ୍ର ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବ୍ୟବସ୍ଥାକୁ କର୍ଣ୍ଣାଟକ ସରକାର ବିରୋଧ କରିଛନ୍ତି। ସମଲିଙ୍ଗି ଯୌନ ଅପରାଧ ନେଇ ଆଇପିସିରେ ଥିବା ୩୭୭ଧାରା ଉଚ୍ଛେଦକୁ ମଧ୍ୟ କର୍ଣ୍ଣାଟକ ସରକାର ବିରୋଧ କରିବା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ସେହିପରି ଆଗୁଆ ଜାମିନ ପାଇଁ ବ୍ୟବସ୍ଥାରେ ସଂଶୋଧନ ପାଇଁ ଏକ ଅଧ୍ୟାଦେଶକୁ ଉତରପ୍ରଦେଶ କ୍ୟାବିନେଟ ମଂଜୁରୀ ପ୍ରଦାନ କରିଛନ୍ତି। ଏହା ନିଶ୍ଚିତ ଯେ, ଜଣେ ଅପରାଧିକୁ ୧୫ଦିନ ପର୍ଯ୍ୟନ୍ତ ପୋଲିସ ହାଜତରେ ରଖାଯିବା ନେଇ ନୂତନ ଆଇନରେ ଥିବା ବ୍ୟବସ୍ଥା ନିଶ୍ଚିତ ଚିନ୍ତାଜନକ, ଯାହାକି ପୋଲିସର କ୍ଷମତା ବୃଦ୍ଧି ନେଇ ସଂକେତ ପ୍ରଦାନ କରୁଛି। ନୂତନ ଆଇନଗୁଡ଼ିକ ଦ୍ୱାରା ପିଡ଼ିତଙ୍କୁ ଯଥାଶୀଘ୍ର ବା ତ୍ୱରିତ ନ୍ୟାୟ ପ୍ରଦାନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ପ୍ରତିଶ୍ରୃତି ଦେଇଛନ୍ତି, ତାହାର କୌଣସି ଯଥାର୍ଥତା ନଥିବା ମନେ କରାଯାଏ। ଆମ ଦେଶରେ ଅଦାଲତ ଗୁଡ଼ିକରେ ବିଚାରପତିଙ୍କ ଅଭାବ ଯୋଗୁଁ ମାମଲାଗୁଡ଼ିକର ଫଇସଲାରେ ବିଳମ୍ବ ଘଟୁଛି। ଏଥିରେ କେହି ଅସହମତ ହୋଇନପାରନ୍ତି। ବିଚାରପତିଙ୍କ ଅଭାବ ଯୋଗୁଁ ତାରିଖ ପରେ ତାରିଖ ଗଡି ଚାଲିଛି। ସେହିପରି ଥାନାଗୁଡ଼ିକର ସ୍ଥିତି ମଧ୍ୟ ଅନୁରୂପ। ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ନଥିବା ଅଭିଯୋଗ ହୋଇଆସୁଛି। ପୂର୍ବ ଆଇନରେ ୯୦ଦିନ ମଧ୍ୟରେ ପୋଲିସ ବହୁ ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରୁନଥିବାବେଳେ ଏବେ କିପରି ସୀମିତ ନିର୍ଦ୍ଧାରିତ ସମୟରେ କରିବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଭାରତୀୟ ପୋଲିସ ବ୍ୟବସ୍ଥାରେ ତ୍ୱରିତ ନ୍ୟାୟା କିମ୍ବା ତଦନ୍ତ କରାଇବା ଆଦୌ ସମ୍ଭବ ନୁହେଁ। ଏ ସବୁକୁ ଦୃଷ୍ଟିରୁ ଆଇନର ସଫଳତା, ସକ୍ରୀୟତା ଭବିଷ୍ୟତ ହିଁ କହିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯




### କେମିତି ଥିବୁଲୋ ପ୍ରିୟା

#### ସିଦ୍ଧେଶ୍ୱର ତ୍ରିପାଠୀ

ତୋ ନୂଆ ସଂସାର ଗଢିଲା ପରେତୁ
କେମିତି ଥିବୁଲୋ ପ୍ରିୟା
ମହକୁ ଥିବତୋ ଦିବସ ରଜନୀ
ପାଇସେ ମଳୟ ଛୁଆଁ ।

ବରଷ ବରଷ ବିତିଲାଣି କେତେ
ତଥାପି ଝୁରେ ଏ ମନ
ମନ ଗହନର ନିଳିମା ଆକାଶେ
ଏବେବି ତୁ ରୂପା ଜହ୍ନ ।

ଆଜିବି ଲିଭିନି ଏଇଛାତି ତଳେ
ସେଇ ବିରହର ନିଆଁ
ତୋ ନୂଆ ସଂସାର ଗଢିଲା ପରେତୁ
କେମିତି ଥିବୁଲୋ ପ୍ରିୟା ।

ମୋତେ ଭଲପାଇ କେବେ ମୋପାଇଁ
ଗାଇଥିଲୁ ପ୍ରୀତି ଗୀତ
ମନ କାଗଜରେ ମୋ ଛବି ଆଙ୍କିତୁ
ହେଇଥିଲୁ ମନମିତ ।

ତୁ ଗଲାପରେ ଜୀବନ ଆକାଶ
ଲାଗେ ସବୁ ଧୂଆଁ ଧୂଆଁ
ତୋ ନୂଆ ସଂସାର ଗଢିଲା ପରେ ତୁ
କେମିତି ଥିବୁଲୋ ପ୍ରିୟା ।

+କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

### ଚାରୋଟି ଚୋରା ଚାହାଣୀ

#### ଜିତୁ ପ୍ରଧାନ



ସେ ପୁଅଟିର ଅବସ୍ଥା କଣ ହେବ
ଯା' ବାପା ଗତ ମାସ ଜୁନ୍‌ରେ ଜମି ବିକ୍ରିକରି
ପୁଅର ଚାକିରି ପାଇଁ
ଜଣେ ଅଚିହ୍ନା ସରଳକୁହା ଦଲାଲକୁ
ବଢ଼େଇ ଦେଲେ ନବେ ହଜାର ଟଙ୍କା
ଦଲାଲ କହେ ଚିହ୍ନିନି ସେ ପୁଅଟିର ବାପାଙ୍କୁ
ଟଙ୍କା ଫଙ୍କା ଜାଣେନା କେବେ କିଏ କାହାକୁ
କେଉଁଠି କାହିଁକି ଦେଇଥିଲା ।

ସେ ଝିଅ କଥା ଏବେ କଣ
ଯିଏ ଅଟୋନମୋସ କଲେଜରୁ
ଡିଗ୍ରୀ ଧରି, ବାର ହଜାର ଟଙ୍କା ଦରମା ପାଇଁ
ତା ଦେହ ବିକ୍ରି କରିଦେଲା ଗୋଟେ ନାମ ନଥିବା
ଘରୋଇ କମ୍ପାନୀର ମ୍ୟାନେଜରଙ୍କୁ
ତା ପରେ ଚାକିରୀ ଫାକିରି କିଛି ନାହିଁ ବୋଲି ଜାଣି
ଥାନାରେ କେସ୍ କଲା,
କୁଆଡେ ଗଲେ ମ୍ୟାନେଜର
ଅଥଚ ଦିନେ ଖବର କାଗଜରେ
ହେଡ ଲାଇନ୍ ହେଲା ତା ନ୍ୟୁଜ୍ ।

ସେଇ ପାଠ ପଢୁଆ ପିଲା ମାନେ ଏବେ କେଉଁଠି
ଯେଉଁମାନେ ବିଶ୍ୱବିଦ୍ୟାଳୟରୁ
ସୁନା ପଦକ ଧରି ଫେରିଥିଲେ ଗାଁକୁ
ବୋଧେ ଅଧେ ଦାଦନ ଖଟିବାକୁ ଚାଲିଗଲେ
ବ୍ୟାଙ୍ଗଲୋରର ସଫ୍ଟୱୟାର କମ୍ପାନୀ,
ଆଉ ଅଧକ ତିନି ହଜାର ମାସିକ ଦରମାରେ ଅଛନ୍ତି
ଗାଁ ପାଖ ପ୍ରାଇଭେଟ୍ କୋଚିଂ ସେଣ୍ଟରରେ
ଜଣେ ଅଧେ ପାଇଲେ ଲାଞ୍ଚ ଦେଇ ଚାକିରୀ
ବଳିଗଲା ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା ।

ସେଇ ପ୍ରେମିକାର କଥା କିଏ ଜାଣେ
ଯିଏ ଦିନେ ଭଲପାଇଥିଲା ତୁମକୁ
ଅଥଚ ତା ବାପା ତା ନିର୍ବନ୍ଧ ସାରିଦେଇଛନ୍ତି
ତୁମ ବୟସର ଜଣେ ସହରୀ ଲୋକ ସହ
ଯାହାର ଚାକିରି ଓ
ଦୁଇଟା ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ କାଉଣ୍ଟର ଅଛି ।

ସେ ସୁନ୍ଦରୀ ଝିଅର ଖବର କାହା ପାଖରେ
ଯିଏ ଭଲପାଇ କଲେଜ ଟୋକା ସାଙ୍ଗରେ
ବାହାହେଇ ପଡ଼ିଲା କଟକ ଯାଇ କୋର୍ଟରେ
ଦଶ ମାସ ପରେ ବିବାହ ବିଚ୍ଛେଦ
ଯେତେବେଳେ ସେ ଝିଅ ଗର୍ଭବତୀ
ଓ ତା ବାପ ନାହିଁ କରିଦେଲା ରଖିବାକୁ ତା ନିଜ ଘରେ।

ସେ କିଏ ଯିଏ ସାଉଁଟିଛି ଗାଁ ଛାଡି ଚାଲି ଯାଇଥିବା
ଲୋକର ଭାଗ୍ୟ ଓ ଭବିଷ୍ୟତ
କୁଶା ଦାଦିର କଥା କେହି ଜାଣନ୍ତିନି
ଯା'ର ଗତବର୍ଷ ବନ୍ୟାରେ ଧୋଇ ହେଇଗଲା
ସତର ବାଟିର ଭାଗ ଚାଷ, ଝିଅ ଯୌତୁକ ବାବଦକୁ
ଗାଁ ମହାଜନ ପାଖରେ
ଯିଏ ବନ୍ଧାରଖିଥିଲା ଘରଡିହ ଓ ଖୁଡିଙ୍କ କାନଫୁଲ
କଣ କରିଥାନ୍ତା ସେ, କୁଆଡେ ଚାଲିଗଲା ରେଙ୍ଗୁନ କି
କଲିକତା ଗାଁରେ ଛାଡ଼ିଦେଇ ଭିଟାମାଟି, ଘରଡିହ
ବାପ ଜେଜେ ଅମଳର ଝାଳବୁହା ମାଟି ଗନ୍ଧ ।

+ଉତ୍କଳ ବିଶ୍ୱବିଦ୍ୟାଳୟରେ
ମୋ : ୭୬୮୧୦୪୪୮୬୪




# ୭ଦିନରେ ୭୦୦କୋଟି ଆୟ କଲା ଫିଲ୍ମ 'କଲ୍‌କୀ-୨୮୯୮ ଏଡି'

ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ଅଭିନିତ ଆକ୍ସନ ଫିଲ୍ମ କଲକୀ-୨୮୯୮ ଏଡି ଗୁରୁବାର ରିଲିଜ୍ ହୋଇଥିଲା। ଫିଲ୍ମର ଟ୍ରେଲର ଆସିବା ପରେ ସାରା ଦେଶରେ ରିଲିଜ୍‌କୁ ଅପେକ୍ଷା କରିଥିଲେ ଦର୍ଶକ। ଆଉ ଫିଲ୍ମ ରିଲିଜ୍ ହେବା ପରେ ସିନେମା ହଲ୍‌ରେ ସିନେମା ଦେଖିବା ପାଇଁ ଲମ୍ବା ଧାଡ଼ି ଲାଗିଥିଲା। ଦେଶର ବିଭିନ୍ନ ସହରରେ କଲକୀର କ୍ରେଜ୍ ଜବରଦସ୍ତ ରହିଛି, ଯାହାର ପ୍ରଭାବ ଫିଲ୍ମର ଆୟ ଉପରେ ମଧ ପଡ଼ିଛି। ପ୍ରଥମ ଦିନରେ ଫିଲ୍ମଟି ଅନେକ ବ୍ଲକବଷ୍ଟର ଫିଲ୍ମକୁ ପଛରେ ପକାଇ ଦେଇଥିଲା। ଏମିତି କି ପ୍ରଭାସ ନିଜର ରେକର୍ଡ ମଧ ଭାଙ୍ଗିଥିଲେ। ଏବେ ରିଲିଜର ୪ଦିନ ମଧରେ ଫିଲ୍ମର ଆୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମିଳିଥିବା ସୂଚନା ମୁତାବକ, ଫିଲ୍ମଟି ୭ଦିନରେ ମୋଟ ୭୦୦କୋଟି ଟଙ୍କା ଆୟ କଲାଣି। ବିଶ୍ୱ ସ୍ତରର ବକ୍ସ ଅଫିସ ଆୟକୁ ମିଶାଇ ଫିଲ୍ମଟି ୭୦୦କୋଟି ଆୟ କରିସାରିଥିବା କୁହାଯାଉଛି। ଫିଲ୍ମର ବଜେଟ ୬୦୦କୋଟି ଥିବା ବେଳେ ମାତ୍ର ୭ଦିନରେ ଫିଲ୍ମଟି ଏତେ କୋଟି ଆୟ କରିବାଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ଭାରତରେ ଫିଲ୍ମଟି ୪୬୮କୋଟି ଟଙ୍କା ଆୟ କରିଥିବା ଜଣାପଡ଼ିଛି।

# ସଲମାନଙ୍କ ନାଁରେ ସୁପାରୀ: ମୁସେୱାଲ ଷ୍ଟାଇଲ୍‌ରେ ହତ୍ୟା କରିବାକୁ ଥିଲା ପ୍ଲାନିଂ

ବଲିଉଡର ଭାଇଜାନ ସଲମାନ ଖାନ। ଗ୍ୟାଙ୍ଗଷ୍ଟରଙ୍କ ଟାର୍ଗେଟ୍‌ରେ ବଲିଉଡର ଟାଇଗର। ସେ କୁଆଡେ ଆସନ୍ତି ଓ କେଉଁ ଆଡେଯାନ୍ତି। ଏ ସବୁ ତାଙ୍କ ପରିବାର ଲୋକେ ଜାଣି ନଥିଲେ ବି ତାଙ୍କ ଶତ୍ରୁଙ୍କ ପାଖରେ ରହିଛି ଟିକିନିଖି ଖବର। ସଲମାନଙ୍କ ପାଇଁ ଦିଆଯାଇଲା ସୁପାରୀ। ହତ୍ୟା ପାଇଁ କରାଯାଇଥିଲା ଷଡ଼ଯନ୍ତ୍ର। ସିଦ୍ଧୁ ମୁସେୱାଲା ଷ୍ଟାଇଲ୍‌ରେ ହତ୍ୟା କରିବାକୁ ହୋଇଥିଲା ପ୍ଲାନିଂ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ସୁପାରୀ ନେଇଥିଲା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ। ଏଭଳି କିଛି ବଡ଼ ଖୁଲାସା ହୋଇଛି ପୁଲିସ ଦାଖଲ କରିଥିବା ଚାର୍ଜସିଟ୍‌ରୁ।

ସଲମାନଙ୍କ ପ୍ରତିଟି ଗତିବିଧି ଉପରେ ନଜର ରଖିଛନ୍ତି ଶତ୍ରୁ। କେବଳ ଗୋଟିଏ ମଉକା ଅପେକ୍ଷାରେ ରହିଛି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ। କେତେବେଳେ ସେ ସଲମାନ ଖାନ୍‌ଙ୍କ ଟାର୍ଗେଟ୍ କରିବ, ସେଥିପାଇଁ ସେ ମଉକା ଖୋଜୁଛି। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଡିଲ୍ ହୋଇଛି। ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ୫ ଜଣଙ୍କ ବିରୋଧରେ ଦାଖଲ ହୋଇଥିବା ଏକ ନୂଆ ଚାର୍ଜସିଟ୍‌ରେ ଏହି ତଥ୍ୟ ସାମ୍ନାକୁ ଆସିଛି।



ନବି ମୁମ୍ବାଇ ପୁଲିସ ଦ୍ୱାରା ଦାଖଲ ହୋଇଥିବା ଏହି ୩୫୦ ପୃଷ୍ଠା ସମ୍ବଳିତ ଚାର୍ଜସିଟରେ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସଙ୍କ ଗ୍ୟାଙ୍ଗର ସମ୍ପୃକ୍ତ ଅଭିଯୁକ୍ତ ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ଇକ-୯୨ ଭଳି ଆଧୁନିକ ଅସ୍ତ୍ର ହାସଲ କରିବାକୁ ଯୋଜନା କରୁଥିବା କୁହାଯାଇଛି। ଗତ ଏପ୍ରିଲ୍ ୧୪ ତାରିଖରେ, ବାଇକ୍‌ରେ ଆସି ଦୁଇଜଣ ବ୍ୟକ୍ତି ଆସି ମୁମ୍ବାଇର ବାନ୍ଦ୍ରାସ୍ଥିତ ସଲମାନ ଖାନଙ୍କ ବାସଭବନ ବାହାରେ ଏକାଧିକ ରାଉଣ୍ଡ ଗୁଳି ଚଳାଇଥିଲେ। ଏହି ଗ୍ୟାଙ୍ଗ ପାନଭେଲରେ ଥିବା ତାଙ୍କ ଫାର୍ମହାଉସ ନିକଟରେ ସଲମାନ ଖାନଙ୍କୁ ଆକ୍ରମଣ କରିବାକୁ ଯୋଜନା କରିଥିଲା। ଏହି ଗ୍ୟାଙ୍ଗ ବିଦେଶରୁ ଅସ୍ତ୍ରଶସ୍ତ୍ର ଆଣିବାକୁ ଯୋଜନା କରିଥିଲା।

ତଦନ୍ତରୁ ଜଣାପଡିଛି ଯେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ଭଳି ସଲମାନଙ୍କୁ ମଧ ହତ୍ୟା କରିବାକୁ ଯୋଜନା ହୋଇଥିଲା। ଏହି ଗ୍ୟାଙ୍ଗ ଅଭିନେତାଙ୍କୁ ତୁର୍କୀରେ ନିର୍ମିତ ଜିଗାନା ପିସ୍ତଲ ସହିତ ହତ୍ୟା କରିବାକୁ ଚାହୁଁଥିଲା, ଯାହାକୁ ୨୦୨୨ ମସିହାରେ ପଞ୍ଜାବୀ ଗାୟକ ସିଦ୍ଧୁ ମୋସେୱାଲାଙ୍କୁ ହତ୍ୟା କରିବାରେ ବ୍ୟବହୃତ ହୋଇଥିଲା।

ଜଣେ ଅଭିଯୁକ୍ତ ପଚରାଉଚରା ବେଳେ ପ୍ରକାଶ କରିଥିଲେ ଯେ ଅଭିନେତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟାଇବା ପାଇଁ ସେ ଏମ୍୧୬, ଏକେ-୪୭ ଏବଂ ଏକେ-୯୨ ରାଇଫଲ କିଣିବା ପାଇଁ ପାକିସ୍ତାନର ଜଣେ ଅସ୍ତ୍ର ବିକ୍ରେତାଙ୍କ ସହ ଯୋଗାଯୋଗରେ ଥିଲେ।

ସଲମାନ ଖାନଙ୍କ ଘର ବାହାରେ ଗୁଳି ବିନିମୟ ଘଟଣାରେ ଲରେନ୍ସ ଏବଂ ତାଙ୍କ ସାନଭାଇ ଅନମୋଲଙ୍କ ସମେତ ୧୭ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଲରେନ୍ସ ବର୍ତ୍ତମାନ ଅହମ୍ମଦାବାଦର ସାବରମତି ଜେଲରେ।

# ହିନାଙ୍କ ପାଇଁ ପ୍ରାର୍ଥନା କଲେ ସାମନ୍ଥା

ଲୋକପ୍ରିୟ ଟିଭି ଅଭିନେତ୍ରୀ ହିନା ଖାନ ଏବେ ସ୍ତନ କର୍କଟ ଭଳି ଗୁରୁତର ରୋଗରେ ପୀଡିତ ଅଛନ୍ତି। କିଛି ଦିନ ପୂର୍ବରୁ ସୋସିଆଲ ମିଡିଆରେ ପୋଷ୍ଟ କରି ହିନା ଖାନ ତାଙ୍କ ଅସୁସ୍ଥତା ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ତାଙ୍କର ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ହୋଇଛି। ସ୍ତନ କର୍କଟ ପରି ମାରାତ୍ମକ ରୋଗର ସମ୍ମୁଖୀନ ହୋଇଥିଲେ ମଧ ହିନା ଖାନ ସାହସ ବଜାୟ ରଖିଛନ୍ତି। ସ୍ତନ କର୍କଟ ପରେ ସାଧାରଣ ପ୍ରଶଂସକଙ୍କ ସହ ଟିଭି ଏବଂ ବଲିଉଡର



ସେଲିବ୍ରିଟିମାନେ ମଧ ତାଙ୍କ ପୋଷ୍ଟରେ ମନ୍ତବ୍ୟ ଦେଇ ହିନା ଖାନଙ୍କ ସାହସ ବଢାଇଥିଲେ । ବର୍ତ୍ତମାନ ସାଉଥ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ସାମନ୍ଥା ରତୁ ପ୍ରଭୁ ହିନାଙ୍କ ପାଇଁ କିଛି ହୃଦୟ ଜିତିଲା ଭଳି କଥା କହିଛନ୍ତି। ସାମନ୍ଥା ଅଭିନେତ୍ରୀ ହିନା ଖାନଙ୍କ ଏକ ଭିଡିଓ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ ସେୟାର କରିଥିଲେ। ସାମନ୍ଥା ଆହୁରି ମଧ ଲେଖିଛନ୍ତି, 'ମୁଁ ହିନା ଖାନଙ୍କ ପାଇଁ ପ୍ରାର୍ଥନା କରୁଛି, ହିନା ଖାନ ଜଣେ ପ୍ରକୃତ ଯୋଦ୍ଧା।' ତାଙ୍କ ଇନଷ୍ଟା ଷ୍ଟୋରିର ଉତ୍ତର ଦେଇ ହିନା ଲେଖିଛନ୍ତି, 'କାହାକୁ ଜାଣେ ବା ନ ଜାଣେ, ମୁଁ ଜାଣେ ତୁମେ ଜଣେ ଉଜ୍ଜ୍ୱଳ ଷ୍ଟାର, ତୁମେ ତୁମର ଜୀବନକୁ ଯେଉଁଭଳି ପରିଚାଳନା କରିଛ, ଯାହା ଅନ୍ୟମାନଙ୍କଠାରୁ ଭିନ୍ନ, ତୁମକୁ ଢେର ସାରା ଭଲପାଇବା ଜଣାଉଛି । 'ସ୍ତନ କର୍କଟ ପରଠାରୁ ହିନା ଖାନ ତାଙ୍କ ରୋଗ ସହ ଜଡିତ ପ୍ରତ୍ୟେକ ଅପଡେଟକୁ ସୋସିଆଲ ମିଡିଆରେ ସେୟାର କରିଆସୁଛନ୍ତି। ହିନା ଖାନ ମଧ ତାଙ୍କର ପ୍ରଥମ କେମୋଥେରାପି ନେଇଛନ୍ତି। ସେ ଏହି ସୂଚନା ଇନଷ୍ଟାଗ୍ରାମରେ ଦେଇଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ଏକ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପରେ ସେ କେମୋଥେରାପି ପାଇଁ ଆସିଥିଲେ। ସେ ହସ୍ପିଟାଲରୁ ତାଙ୍କ ଭିଡିଓ ସେୟାର କରିଛନ୍ତି।

# ଇଡି ରାଡାରରେ ଟେଲିଷ୍ଟାର ନିୟା, କରନ୍ ଓ କ୍ରିଷ୍ଟଲ



ବଢ଼ିଲା ଜଣାଶୁଣା ଟେଲି ଷ୍ଟାରଙ୍କ ଅଡୁଆ। ଇଡି ରାଡାରରେ ଘରେ ଘରେ ପରିଚିତ ଥିବା ଟେଲି ଷ୍ଟାର। ମନି ଲଣ୍ଡରିଂ ମାମଲାରେ ଫସିଛନ୍ତି କ୍ରିଷ୍ଟଲ ଡିସୁଜା, ନିୟା ଶର୍ମା ଓ କରନ୍ ୱାହି। ଏମାନଙ୍କୁ ଜେରା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଟଙ୍କା ବଦଳରେ ଅନ୍‌ଲାଇନ ଫରେକ୍ସ ଟ୍ରେଡିଂ ଆପ୍ 'ଅକ୍ଟାଏଫ୍ଏକ୍ସ' ଡଟ୍ କମ୍ ସହ ଜଡିତ ମନିଲଣ୍ଡରିଂ ମାମଲାରେ ଟେଲି ଷ୍ଟାର କ୍ରିଷ୍ଟଲ ଡିସୁଜା, କରନ ୱାହି ଓ ନିୟା ଶର୍ମାଙ୍କୁ ଇଡି ବୁଧବାର ପଚରାଉଚରା କରିଛି। ଜେରାରେ ବେଆଇନ ଅନ୍‌ଲାଇନ ବିଦେଶୀ ଟ୍ରେଡିଂ ମାମଲାରେ ଉଭୟ କଳାକାରଙ୍କୁ ପ୍ରଶ୍ନ କରାଯିବା ସହ ପିଏମ୍ଏଲ୍ଏ ମାମଲାରେ ସେମାନଙ୍କର ବୟାନ ରେକର୍ଡ ହୋଇଛି। ଏହି ତିନି ଅଭିନେତା ଓ ଅଭିନେତ୍ରୀ ଉକ୍ତ ଆପ୍‌ର ପ୍ରଚାର କରୁଥିବା ଅଭିଯୋଗ ହୋଇଛି। 'ଅକ୍ଟାଏଫଏକ୍ସ' ଆପ୍ ଉଚ୍ଚ ରିଟର୍ନର ପ୍ରଲୋଭନ ଦେଖାଇ ଅନେକ ନିବେଶକଙ୍କୁ ଠକିଥିବା ନେଇ ପୂର୍ବରୁ ଏପ୍ରିଲ ମାସରେ ପୁଣେ, ଚେନ୍ନାଇ, କୋଲକାତା ଓ ଦିଲ୍ଲୀ ସମେତ ଅନେକ ସ୍ଥାନରେ ଇଡି ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଇଡି ୨.୭ କୋଟି ଟଙ୍କା ଓ ଅନେକ ବେଆଇନ ଡକ୍ୟୁମେଣ୍ଟ ଏବଂ ଡିଜିଟାଲ ଉପକରଣ ଜବତ କରିଥିବା ଜଣାଯାଇଛି। ନିକଟର ପୁଣେର ଶିବାଜୀନଗର ଥାନାରେ ଏହାର ପ୍ରମୋଟରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

# ବିହାରର ସୁଶାନ୍ତ ସିଂହ ରାଜପୁତ କରାଯିବା ଘଟଣାକୁ ନେଇ ଭୋଜପୁରୀ ଅଭିନେତାଙ୍କ ପ୍ରତିକ୍ରିୟା

ଭୋଜପୁରୀ ସିନେମାଜଗତର ଷ୍ଟାର ଖେସାରି ଲାଲ ଯାଦବଙ୍କ ଅନେକ ଫ୍ୟାନଫଲୋଇଂ ଅଛନ୍ତି। ଆଜି ପର୍ଯ୍ୟନ୍ତ ଖେସାରି ଯାହା ବି ସଫଳତା ପାଇଛନ୍ତି ସେଥିପାଇଁ ତାଙ୍କୁ ଖୁବ ପରିଶ୍ରମ କରିବାକୁ ପଡ଼ିଛି। କିଛିବର୍ଷ ପୂର୍ବେ ସେ ଏତେ ବିଚଳିତ ହୋଇପଡ଼ିଥିଲେ କି ତାଙ୍କର ତୁଳନା ସେ ବଲିଉଡ଼ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ସହିତ କରିଥିଲେ। ସେ ସମୟରେ ଖେସାରି କହିଥିଲେ, 'ମୋତେ ବିହାରର ସୁଶାନ୍ତ ସିଂହ ରାଜପୁତ କରାଯାଉଛି।' ନିକଟରେ ଏକ ସାକ୍ଷାତକାରରେ ଖେସାରି ଏ ପ୍ରସଙ୍ଗ ବିଷୟରେ ଆଲୋଚନା କରିଛନ୍ତି। ଭୋଜପୁରୀ ଅଭିନେତା ଖେସାରି ଲାଲ ଯାଦବ ଏକ ସାକ୍ଷାତକାରରେ ତାଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ନେଇ ଖୋଲାଖୋଲି ଆଲୋଚନା କରିଛନ୍ତି। ଏହି ସାକ୍ଷାତକାରେ ଖେସାରିଙ୍କୁ ପଚରାଯାଇଥିଲା, ଏକଦା ତୁମେ କହିଥିଲି ତୁମକୁ ବିହାରର



ସୁଶାନ୍ତ ସିଂହ ରାଜପୁତ କରାଯାଉଛି। ଏପରି କାହିଁକି କହିଥିଲ ? ଏହାର ଉତ୍ତର ଦେଇ ଖେସାରି କହିଛନ୍ତି, 'ତାହା ମୋ ପିଲାଳିଆମୀ ଥିଲା। ସେ ସମୟରେ ମୋ ସହିତ ବହୁତ କିଛି ଘଟଣା ଘଟିଥିଲା। ମୋତେ କେଉଁ କ୍ଷେତ୍ରରୁ କିଛି ବି ସମର୍ଥନ ମିଳୁ ନଥିଲା। ହାଜିପୁର ଠାରୁ ଅଳ୍ପ ଦୂରରେ ମୋ ସୋ' ଥିଲା। ସେଠାରେ ମୋ ଉପରେ ପଥରମାଡ଼ କରାଯାଇଥିଲା। କିଛି ରାଜନୀତି କାରଣ ଥିଲା ଯେଉଁଥିପାଇଁ ମୋତେ ମାରି ଦେବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ମୁଁ ସେ ଆକ୍ରମଣରୁ ନିଜକୁ ବଞ୍ଚାଇ ପାରିଛି। ତେବେ ଏହି ଆକ୍ରମଣ କିଏ କରିଥିଲା ତାହାର ସୂଚନା ମୁଁ ଆଜି ପର୍ଯ୍ୟନ୍ତ ପାଇ ପାରିନାହିଁ। କି ଅଭିଯୋଗ ବି କରିନାହିଁ। କାରଣ ମୋ ପାଖରେ କୌଣସି ପ୍ରମାଣ ନାହିଁ।'

# ପ୍ରେମିକଙ୍କ ବିଷୟରେ କହି ଟ୍ରୋଲ ହେଲେ ପାୟଲ

ୟୁଟ୍ୟୁବର ଅରମାନ ମଲିକ ତାଙ୍କ ଦୁଇଜଣ ସ୍ତ୍ରୀ ପାଇଁ ଖୁବ ଚର୍ଚ୍ଚାରେ ପରିସରରେ ଅଛନ୍ତି। ଅନେକ ସମୟରେ ଦୁଇଜଣ ସ୍ତ୍ରୀ ଥିବାରୁ ଅରମାନଙ୍କୁ ଟ୍ରୋଲ ହେବାକୁ ବି ପଡ଼ିଥାଏ।

ନିକଟରେ ଅରମାନ, ପାୟଲ ଓ କ୍ରିତିକା ବିଗବସ ଓଟିଟି ସିଜନ-୩ରେ ନଜର ଆସିଛନ୍ତି। ଦୁଇଦିନ ପୂର୍ବରୁ ପାୟଲ ବିଗବସ ଓଟିଟି ସିଜନ - ୩ରୁ ବାହାରି ଯାଇଛନ୍ତି। ସମ୍ପ୍ରତି ପାୟଲଙ୍କ ଏକ ପୁରୁଣା ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ ତାଙ୍କ ପ୍ରେମିକଙ୍କ ବିଷୟରେ ଖୋଲାଖୋଲି ଆଲୋଚନା କରୁଥିବା ଦେଖିବାକୁ ମିଳୁଛି।

ଭିଡିଓରେ ପାୟଲ କହୁଛନ୍ତି, 'ଆଜି ମୁଁ ଆପଣମାନଙ୍କୁ ଯାହା କହିବାକୁ ଯାଉଛି ତାହା କେବଳ କ୍ରିତିକା ହିଁ ଜାଣିଛନ୍ତି। ମୋର ପିଲାଦିନର ପ୍ରେମିକଙ୍କୁ ଇନଷ୍ଟାଗ୍ରାମରେ ପାଇ ଯାଇଛି। ପିଲାଦିନର ଭଲ ପାଇବା ଭଲପାଇବା ହୋଇଥାଏ। ଯାହାକି ପ୍ରତ୍ୟେକ ଝିଅଙ୍କ ଜୀବନରେ ଘଟିଥ ?ାଏ। ଏହାକୁ କିଏ ପ୍ରଘଟ କରିଥାଆନ୍ତି ତ ଆଉ କିଏ ନିଜ ଭିତରେ ଗୋପନ ରଖି ଦେଇଥାଆନ୍ତି।

ସେହି ପିଲାଦିନର ଭଲପାଇବା ମୋତେ ମିଳି ଯାଇଛି। ସେ ମୋତେ ମେସେଜ କରିବାରୁ ମୁଁ ତାଙ୍କୁ ଆଜି ଭେଟିବାକୁ ଯାଉଛି। ଆଜି ମୁଁ କ୍ରିତ୍ରିକାଙ୍କୁ ବି ମୋର ପିଲାଦିନର ବୟଫ୍ରେଣ୍ଡ ସହିତ ଭେଟ କରାଇବି।



ଏକଥା ଅରମାନ ବି ଜାଣିଛନ୍ତି। ତାଙ୍କୁ ମୁଁ ଆଗରୁ ଏବିଷୟରେ କହିସାରିଛି।

ଲୋକେ ପାୟଲଙ୍କ ଏହି ଭିଡିଓ ଦେଖିବା ପରେ ଟ୍ରୋଲ କରି କହୁଛନ୍ତି, 'ଆରେ ତୁମ ପରିବାରରେ ସମସ୍ତେ କ'ଣ ଏପରି।'

# 'ତେରେ ଇଶ୍କ ମେଁ 'ର ସୁଟିଂ ଆରମ୍ଭ କରିବେ ଧନୁଷ୍

ବଲିଉଡ୍‌ରେ ଅନେକ ଫିଲ୍ମ ଘୋଷଣା ହୋଇ ମଧ କୌଣସି ନା କୌଣସି କାରଣରୁ ଏହାର ନିର୍ମାଣ ହୋଇପାରେ ନାହିଁ। ଏଭଳି କିଛି ଘଟିଛି ସାଉଥ୍‌ର ଲୋକପ୍ରିୟ ଅଭିନେତା ଧନୁଷଙ୍କ ସହ। ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ ଫିଲ୍ମ 'ତେରେ ଇଶ୍କ୍ ମେ'ର ଘୋଷଣା ହେବାର ୧୧ ମାସ ପରେ ବି ଏହାର ସୁଟିଂ ଆରମ୍ଭ ହୋଇ ନାହିଁ। ମଝିରେ ଏହି ଫିଲ୍ମ ନିର୍ମାଣ ହେବ ନାହିଁ ବୋଲି ଖବର ବି ପ୍ରକାଶ ପାଇଥିଲା। ତେବେ ଧନୁଷ ଏବେ ଏକ ତାମିଲ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଆନନ୍ଦଙ୍କ ଏହି ଫିଲ୍ମର ସୁଟିଂ ପାଇଁ ତାଙ୍କୁ ଦୁଇ ମାସ ସମୟ ଦେବାକୁ ହେବ। ତେଣୁ ତାମିଲ୍ ଫିଲ୍ମର ସୁଟିଂ ପରେ ହିଁ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଆନନ୍ଦ ମଧ ଧନୁଷଙ୍କ କଥାରେ ରାଜି ଅଛନ୍ତି। ଅକ୍ଟୋବର, ନଭେମ୍ବର ମାସରେ ଧନୁଷ ଏହାର ସୁଟିଂ ଆରମ୍ଭ କରିବେ। ଏହା ଏକ ଭିନ୍ନ ଧରଣର ପ୍ରେମ କାହାଣୀ



ହେବ। ଏଥିରେ ଧନୁଷ ଶଙ୍କର ନାମକ ଜଣେ କ୍ରୋଧୀ ଯୁବକ ଭୂମିକାରେ ଅଭିନୟ କରିବେ। ତେବେ ଜୁଲାଇ ମାସ ସୁଦ୍ଧା ଫିଲ୍ମର ନାୟିକା ଫାଇନାଲ କରାଯିବ।

# ଶିଶୁ କଳାକାରରୁ ଡାକ୍ତର ହେବାପରେ ଅଭିନେତା ପୋଷ୍ଟ ସେୟାର କରି କହିଲେ, 'କେଉଁଠି ଦେଖିଛନ୍ତି ମୋତେ ଚିହ୍ନନ୍ତୁ ତ'

କୃଷ ଚଳଚ୍ଚିତ୍ରରେ ହ୍ରିତିକ ରୋଶନଙ୍କ ପିଲାଦିନର ଭୂମିକାରେ ଅଭିନୟ କରିଥିବା ଶିଶୁ ଅଭିନେତା ମିକି ବହୁତ ବଡ ହୋଇଛନ୍ତି। କେବଳ ଏତିକି ନୁହେଁ, ତାଙ୍କର ବୃତ୍ତିଗତ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ନିକଟରେ ସେ ନିଜ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ କହୁଛନ୍ତି,'ଆଚ୍ଛା କୁହନ୍ତୁ ତ, ମୋତେ ଆପଣମାନେ କେଉଁ ସ୍ଥାନରେ ଦେଖିଛନ୍ତି ? ହଁ ମୋତେ ନିଶ୍ଚୟ ଦେଖିଛନ୍ତି। ମୁଁ କୃଷ ଚଳଚ୍ଚିତ୍ରରେ ହ୍ରିତିକ ରୋଶନଙ୍କ ପିଲାଦିନର ଭୂମିକାରେ ଅଭିନୟ କରିଥିଲି। ଏହି ଭୂମିକାରେ ଅଭିନୟ ପରେ ମୋତେ ଦର୍ଶକଙ୍କ ଖୁବ ଭଲ ପାଇବା ମିଳିଥିଲା। ମୋତେ ଜୁନିଅର କୃଷ ହେବା ସହିତ ସିନେମାରେ ମହାନ ପ୍ରତିଭାବାନ ଷ୍ଟାରଙ୍କ ସହିତ କାମ କରିବାର ସୁଯୋଗ ମଳିଥିଲା। ଯାହାକି ପ୍ରକୃତରେ ଖୁବ ମଜାଳିଆ ଥିଲା । ଶିଶୁ ଅଭିନେତାରୁ ଚକ୍ଷୁ ସର୍ଜନ ହେବା ପର୍ଯ୍ୟନ୍ତ ମୋର ଯାତ୍ରା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଏହି ଯାତ୍ରା ଏତେ ସହଜ ନଥିଲା। ଏଥିପାଇଁ ମୋତେ ଅନେକ ସଂଘର୍ଷ ଓ ପରିଶ୍ରମ କରିବାକୁ ବି ପଡ଼ିଛି। ଅଭିନୟ ଦିନରୁ ମୁଁ ପାଇଥିବା ଶିକ୍ଷା ମୋତେ ଚକ୍ଷୁ ଯତ୍ନ ଦିଗରେ କାମ କରିବାକୁ ପ୍ରେରଣା ଦେଇଥିଲା। ବର୍ତ୍ତମାନ ମୁଁ ଆପଣଙ୍କ ଆଏ କେୟାରର ସୁପରହିରୋ ହୋଇପାରେ।'



# ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ତେଲକୋଇ ବିଧାୟକଙ୍କ ପ୍ରଥମ ସମନ୍ୱୟ ବୈଠକ

ହରିଚନ୍ଦନପୁର, ୦୪/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ସଭା ଗୃହରେ ତେଲକୋଇ ନୂତନ ଭାବେ ନିର୍ବାଚିତ ହୋଇଥିବା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକଙ୍କ ପ୍ରଥମ ସମ୍ମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଦୁଲାରାମ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମନୟ ବୈଠକରେ ବିଧାୟକ ଶ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ନୂତନ ସରକାରଙ୍କ ଉପରେ ଅଧିକ ଭରଷା ରହିଛି । ତେଣୁ ସରକାରଙ୍କ ସମସ୍ତ ଯୋଜନା ଯେପରି ଗ୍ରାମାଞ୍ଚଳ ଲୋକଙ୍କ ପକ୍ଷରେ ପହଞ୍ଚିବ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ କହିଥିଲେ । ଅପରପକ୍ଷରେ ଗ୍ରାମାଞ୍ଚଳର ଲୋକମାନେ ବ୍ଲକ, ତହସିଲ, ଥାନା, ଶିକ୍ଷା, ପ୍ରାଣୀ, କୃଷି ଆଦି ବିଭାଗକୁ ସେମାନଙ୍କର ସମସ୍ୟା ନେଇ ଆସିଲେ ତୁରନ୍ତ ସମାଧାନ କରିବାକୁ ମଧ ଅଧିକାରୀମାନଙ୍କୁ କହିଥିଲେ । ଏଥିସହ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଉନ୍ନତି କରଣ ସଂପର୍କରେ ମଧ ବିଧାୟକ ଶ୍ରୀ ନାଏକ ଆଲୋଚନା କରିଥିଲେ । ଅତିରିକ୍ତ ତହସିଲଦାର ବିରାମ କିସ୍କୋ, ବିଇଓ ଚିନ୍ମୟ କୁମାର ରାଉତ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ କୁମାର ଦାସ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସ୍ୱପ୍ନାରାଣୀ ଉପାଧ୍ୟାୟ, ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରତାପ ରାଉତ, ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ, ସିଡ଼ିପିଓ ପ୍ରବୀଣା ନାଏକ, କୃଷି ଅଧିକାରୀ ଶଶି ଭୂଷଣ ମହାପାତ୍ର, ପ୍ରାଣୀ ଅଧିକାରୀ ଡାକ୍ତର ରଘୁନାଥ ଜିରାଇ, ଉଦ୍ୟାନ ଅଧିକାରୀ ମୋନିକା ନାୟକ, ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ବାର୍ଲା, ଆରଡି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାମସାଇ ମାରାଣ୍ଡି, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମିହିର କିଶାନ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପୁଲସ୍ତ ରାଉତ, ଯୋଗାଣ ବିଭାଗର ପ୍ରଣତି ମାଝୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ କୁମାର ଦାଶ, ସାମାଜିକ ସୁରକ୍ଷା ଅଧିକାରୀ ମୋତିଲାଲ ନାଏକ, ମତ୍ସ୍ୟ ଅଧିକାରୀ ଲାଦା ହେମ୍ବ୍ରମ ପ୍ରମୁଖ ନିଜ ନିଜ ବିଭାଗର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ । ବୈଠକରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ମାଝୀ, ପୂର୍ବତନ ମଣ୍ଡଳ ସଭାପତି ପ୍ରଣବ କିଶୋର ମହାନ୍ତି, ଶିରିଶ ଚନ୍ଦ୍ର ସାହୁଙ୍କ ସମେତ ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଦାଦନ ଶ୍ରମିକଙ୍କୁ ସର୍ଦ୍ଦାର ସହ ୪ ଦଲାଲଙ୍କ ନିସ୍ତୁକ ମାଡ: ୨ ଗିରଫ

ବଲାଙ୍ଗିର , ୦୪/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଇଛାପଡ଼ା ପଞ୍ଚାୟତ ଝାରଖମାର ଗ୍ରାମର ତ୍ରିନାଥ ଭୋଇ(୩୫)ନାମକ ଜଣେ ଦାଦନ ଶ୍ରମିକଙ୍କୁ ଜଣେ ସର୍ଦ୍ଦାରଠାରୁ ବଏନା ନେଇ ଅନ୍ୟ ସର୍ଦ୍ଦାର ସହ ଦାଦନ ଯିବା ମହଙ୍ଗା ପଡିଛି । ତାଙ୍କୁ ପ୍ରଥମ ବଏନା ଦେଇଥିବା ଦାଦନ ସର୍ଦ୍ଦାର ସହ ଦଲାଲମାନେ ନିସ୍ତୁକ ମାଡ ମାରିଥିବା ତାଙ୍କ ସ୍ତ୍ରୀ ଦେବକୀ ଭୋଇ(୩୦) ୪ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ବେଲପଡ଼ା ଥାନା ମଧୁପୁର ଗ୍ରାମର ସୁଶାନ୍ତ ପାଢ଼ୀ(୪୦) ଓ ମିଥୁନ ବିଶ୍ୱାଳ(୪୦)ନାମକ ଦୁଇ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଦାଦନ ସର୍ଦ୍ଦାର ଟେଙ୍ଗରା ଗ୍ରାମର ଦଶରଥ ବାଗ ଓ ମଧୁପୁର ଗ୍ରାମର ଦଲାଲ ରଞ୍ଜନ ପାଢ଼ୀ ଫେରାର ଥିବା ପୁଲିସ ପ୍ରକାଶ କରିଛି । ଦେବକୀ ଭୋଇଙ୍କ ଏତଲା ମତେ ତାଙ୍କ ସ୍ୱାମୀ ତ୍ରିନାଥ ଭୋଇ ଦାଦନ ଯିବା ପାଇଁ ଟେଙ୍ଗରା ଗ୍ରାମର ଦାଦନ ସର୍ଦ୍ଦାର ଦଶରଥଙ୍କଠାରୁ ୮୦ହଜାର ଟଙ୍କା ବଏନା ଆଣିଥିଲେ । କିନ୍ତୁ ସେମାନେ ଅନ୍ୟ ଏକ ଦାଦନ ସର୍ଦ୍ଦାର ସହ ଶ୍ରମିକ ଭାବେ କାମ କରିବାକୁ ବାହାର ରାଜ୍ୟକୁ ଯାଇଥିଲେ । ସେଠାରୁ ଫେରି ପରେ ପୂର୍ବ ଦାଦନ ସର୍ଦ୍ଦାର ଦଶରଥ ନିଜ ବଏନା ଟଙ୍କା ମାଗିଥିଲେ । କିନ୍ତୁ ବାରମ୍ବାର ମାଗିବା ପରେ ମଧ ତ୍ରିନାଥ ବଏନା ଅର୍ଥ ନ ଦେବାରୁ ତାଙ୍କୁ ଅଭିଯୁକ୍ତମାନେ ଡାକି ନେଇ ନିସ୍ତୁକ ମାଡ ମାରିଥିଲେ । ଏ ସମ୍ପର୍କରେ ଦେବକୀ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ କେଶ ନଂ ୨୧୨/୨୪ରୁଜୁ ହୋଇ ଥାନାରେ ପ୍ରଥମ ଭାରତୀୟ ନ୍ୟାୟ ସଂହିତା ଦଫା ୨୯୬, ୧୧୫ (୨), ୧୪୦(୩), ୩୫୧(୩), ଓ ୩(୫)ରେ ଅଧିକ ତଦନ୍ତ ଚାଲିଥିଲା । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ଓ ଫେରାର ଥିବା ମୁଖ୍ୟ ସର୍ଦ୍ଦାର ସହ ଅନ୍ୟ ଜଣେ ଦଲାଲଙ୍କୁ ମଧ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି ।

## ବିଷାକ୍ତ ସାପ କାମୁଡାରେ ନାବାଳକ ମୃତ

ଧର୍ମଶାଳା, ୦୪/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଥାନା ଅନ୍ତର୍ଗତ ଅର୍ତିଆ ଗ୍ରାମରେ ଏକ ଅଘଟଣ ଘଟିଛି । ବିଷାକ୍ତ ସାପ କାମୁଡାରେ ଜଣେ ନାବାଳକର ମୃତ୍ୟୁ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ମୃତ ନାବାଳକ ଜଣକ ହେଲେ ଅତିଆ ଗ୍ରାମର ବାଦଲ ମଲିକ । ସୂଚନା ମୁତାବକ, ମଙ୍ଗଳବାର ରାତିରେ ଘରେ ବାଦଲ ଘରେ ଶୋଇଥିଲେ । ରାତିରେ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିବା ଅନୁମାନ କରାଯାଉଛି । ତେବେ ଆଜି ସକାଳେ ପରିବାର ଲୋକେ ବାଦଲକୁ ସଂଜ୍ଞାହୀନ ଅବସ୍ଥାରେ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କୁଆଖିଆ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଂହଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ମୃତ ବାଦଲ ସପ୍ତମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି ।

# ମୌସୁମୀ ଆସିବା ପରେ ମଧ ମରାମତି ହେଉନି ବ୍ରାହ୍ମଣୀ ନଦୀବନ୍ଧ

ଧର୍ମଶାଳା, ୦୪/୦୭ (ନି.ପ୍ର): ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି । ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଛି । ଏଥି ସହ ନଦୀରେ ସାମ୍ଭବ୍ୟ ବନ୍ୟା ଜଳ ପ୍ରବେଶ କରିବା ଅନୁମାନ କରାଯାଉଛି । ଦୃବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇ ପଡିଲେଣି । ଏଭଳି ଦୃବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା ଓ ମଙ୍ଗଳପୁର ପଂଚାୟତ ଅଧିନରେ ଯାଇଥିବା ବ୍ରାହ୍ମଣଦୀ ନଦୀ ବନ୍ଧ କ୍ଷେତ୍ରରେ । ଯାତାୟତ ସମୟରେ ଲୋକେ ନାହିଁ ନ ଥବବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ ମଧ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ କିଛି ସଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷେ ଏହି ଦୃବଳ ନଦୀ ବନ୍ଧରେ ଭାରିଯାନ ଚଳାଚଳ କରିବା ଫଳରେ ନଦୀ ବନ୍ଧ ଓ ଏହାର ତଳ ରାସ୍ତାରେ ବଡ ବଡ ଖାଲଖବାରେ ପରିଣତ ହେବା ସହିତ ଯାଇଥିବା ପିଚୁ ରାସ୍ତା ଫାଟି ଆଁ କଲାଣି । ଅନ୍ୟ ପକ୍ଷେ ଦୃବଳ ନଦୀ ବନ୍ଧକୁ ସୁଦୃଢ କରିବା ନିମେନ୍ତ କିଛି ଦିନ ପୂର୍ବେ ବିଭାଗୀୟ ଅଧିକାରୀଙ୍କୁ ଜିଲା ମୁଖ୍ୟାଳୟରେ ଯାଜପୁର ଜିଲାପାଳ ବୈଠକ ଡକାଇ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୫ ଦିନ ବିତିଗଲାଣି ହେଲେ ମରାମତି ହେବତ ଦୂରର କଥା ଏହି ସବୁ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ନଜର ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଅଂଚଳରେ ବ୍ରାହ୍ମଣୀ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ନେଉ ନାହିଁ ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବାତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା ଓ ମଙ୍ଗଳପୁର ପଂଚାୟତର ସେରପୁର, ନୂଆକୂଳ ଓ କୋଠଡିହ ଗ୍ରାମ ନିକଟରେ ଦୃବଳ ନଦୀ ବନ୍ଧ ଓ ଏହାର ରାସ୍ତା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ଭାରି ଯାନ ସହ ଓଭର ଲୋଡ ବାଲି ହାଇୱା ଯିବା ଫଳରେ ବନ୍ଧ ଏବେ ବଡ ବଡ ଖାଲ ଖମା ହୋଇ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର, ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ନଦୀ ବନ୍ଧ ଓ ଏହାର ସଂଯୋଗିକରଣ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ସେମାନେ କିଛି ଶୁଣୁ ନ ଥିବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ମତ ପ୍ରକାଶ କରିଛନ୍ତି । ତେବେ ଆଜି କୋଠଡିଅ ଗ୍ରାମବାସୀ ନଦୀ ବନ୍ଧରେ ଯାତାୟତ କରୁଥିବା ଭାରି ଯାନ ଚାଳକଙ୍କୁ ଏହି ରାସ୍ତା ଦେଇ ନ ଯିବାକୁ ବାରଣ କରିଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜୟପୁର ଉପଖଣ୍ଡ ପ୍ରଶାସନର ବୈଠକ

ଜୟପୁର , ୦୪/୦୭ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଗୁରୁତ୍ୱପୁର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଶାସନ ପକ୍ଷରୁ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା ଙ୍କ ଆହ୍ୱାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଠାରୁ ଜାତୀୟ ରାଜପଥ କଡରେ ଭାରି ଯାନ ପାର୍କିଂ କଲେ ଜୋରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି । ଓଭର ଲୋଡିଂ କରିଥିବା ଗାଡି ଉପରେ ଜୋରିମାନା ପାଇ ନିଷ୍ପତି ହୋଇଛି । ସହରରେ ସ୍ପିଡ ବାଇକର, ବିକଟାଳ ଶବ୍ଦ କରୁଥିବା ଯାନ ଉପରେ, ବିନା ହେଲମେଟରେ ବାଇକ ଚଲାଉ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ହୋଇଛି । ଲୋକଙ୍କୁ ସଚେତନ କରିବା ସହ ଅନ୍ୟ ଦିଗ ଉପରେ ଦୃଷ୍ଟି ଆକର୍ଷଣ କରାଯିବ । ଜାତୀୟ ରାଜପଥ କଡରେ ଜବରଦଖଲ ଉଚ୍ଛେଦ ପାଇ ଜୟପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ଜୟପୁର ଦେଇ ଯାଇଥିବା ଦୁଇଟି ଜାତୀୟ ରାଜପଥ ନଂ ୨୬ ଏବଂ ନଂ ୩୨୬ର ଉଭୟ ପାଶ୍ୱର୍ରେ ବଢ଼ି ଚାଲିଥିବା ଅବରୋଧ କିଭଳି ହଟାଯିବ ସେନେଇ ପ୍ରଶାସନିକ ନିଷ୍ପତି ହୋଇଛି । ଅଧିକାଂଶ ସ୍ଥାନରେ ସ୍ଥାୟୀ ଗ୍ୟାରେଜ୍ ନିର୍ମାଣ ହୋଇଥିବା ବେଳେ ଟ୍ରକ. ବସ୍ ଏବଂ ଟିପର ଭଳି ବଡ଼ ବଡ଼ ଗାଡ଼ି ଦିନ ସାରା ଜାତୀୟ ରାଜପଥ କଡ଼ରେ ମରାମତି ପାଇଁ ଠିଆ ହୋଇ ରହୁଛି । କିଛି ସ୍ଥାନରେ ଟ୍ରକ୍ ଗୁଡ଼ିକ ଜାତୀୟ ରାଜପଥ କଡ଼ରେ ପାର୍କିଂ କରାଯାଉଥିବା ବେଳେ ରାତ୍ରୀ ସେବା ଦେଉଥିବା ବସ୍ ଗୁଡ଼ିକ ମଧ ସମାନ ଢ଼ଙ୍ଗରେ ଦିନ ସାରା ଠିଆ ରହୁଛନ୍ତି । ଜାତୀୟ ରାଜପଥ କଡରେ ପାର୍କିଂଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି । ନିରିହ ଲୋକଙ୍କ ଜୀବନ ଯାଉଛି । ଜାତୀୟ ରାଜପଥର ଦେଓଘାଟି ଠାରୁ ଉମୁରି ଯାଏ ଉଭୟ ପାର୍ଶ୍ୱରେ ମାଲବାହି ଗାଡି ଠିଆ ହୋଇ ରହୁଛି । ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି । ଆରଟିଓ ଜୟପୁର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପ ଜିଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଖିରଧର କନ୍ଦପାଣି, ଆରଟିଓ ରାଜେଶ ମାରାଣ୍ଡି, ଜୟପୁର ପୌର ନିର୍ବାହି ଦାୟିତ୍ୱରେ ଥିବା ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ ମଞ୍ଚାସିନ ଥିଲେ । ଏଥିରେ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ,ଏନଏଚର ଯନ୍ତ୍ରୀ, ଚାମ୍ବାର ଅଫ କର୍ମସ, ଟ୍ରକ ମାଲିକ ସଂଘ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କର୍ମଶାଳା

କେନ୍ଦ୍ରାପଡ଼ା, ୦୪/୦୭ (ନି.ପ୍ର): ଜିଲ୍ଲା କୃଷି ବିଭାଗ, ମତ୍ସ୍ୟ ଓ ପ୍ରାଣୀ ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟ ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କର୍ମଶାଳା ଜିଲ୍ଲା ମୁଖ୍ୟ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ମନୋଜ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡ଼ଃ ଦିପ୍ତି ମହାପାତ୍ର, ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଏ.ଏ.ଇ ବିଭାଗର ସମର କୁମାର ବିଶ୍ୱାଳ, ଅତିରିକ୍ତ ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷି ଓ ଆନୁସଙ୍ଗିକ କୃଷିକୁ ଅଧିକ ଲୋକପ୍ରିୟ ତଥା ଅନୁପ୍ରଦାନକାରୀ ଓ ଆତ୍ମ ନିଯୁକ୍ତିର ସ୍ରୋତ କରିବା ନିମନ୍ତେ ଆମ ସରକାର ସର୍ବଦା ଚେଷ୍ଟା ପ୍ରଦତ । କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରକୁ ଏକ ଉଦ୍ୟୋଗକୁ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା(ଏମ.କେ.ୟୁ.ୱାଇ) ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାର ଫଳ ସ୍ୱରୂପ ଏହାର ଉତ୍ପାଦନ ବୃଦ୍ଧି ସହ ରୋଜଗାର ସୃଷ୍ଟି ଓ ଚାଷୀଟିଏ ନିଜକୁ ଏକ ଉଦ୍ୟୋଗ ଭାବେ ପ୍ରତିଷ୍ଠିତ କରି ପାରୁଛନ୍ତି । ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାଗ ଯୋଜନାକୁ ଅଧିକ ସହଜ ଓ ସରଳ କରିବା ପାଇଁ ଏହି ଯୋଜନାରେ ଅନେକ ସଂଶୋଧନ କରିଛନ୍ତି । ପ୍ରକଳ୍ପ ମୂଲ୍ୟ ଉପରେ ସର୍ବାଧିକ ୫୦ ଲକ୍ଷର ସହାୟତା ବ୍ୟବସ୍ଥାକୁ ଇତି ମଧ୍ୟରେ ୧ କୋଟି ଟଙ୍କାକୁ ବୃଦ୍ଧି କରିବା ସହ ଆହୁରି ଅନେକଗୁଡିଏ ସରଳୀକରଣ କରାଯାଇଛି । ଚାଷୀଙ୍କୁ ଆଗେ ସବ୍ ସିଡି ପ୍ରଦାନ ସହିତ ଋଣ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଏହି କର୍ମଶାଳା ରେ ତାଲିମ ଦାତା ପ୍ରଭାସ କୁମାର ସାହୁ ଏବଂ ଡ଼ଃ ପ୍ରୀତାଞ୍ଜିନୀ ଆରୁକ ଜିଲ୍ଲାର ୯ ଟି ବ୍ଲକର ଯନ୍ତ୍ରୀ, ବିଏଲଓ, ବ୍ଲକ କୃଷି ଅଧିକାରୀ, ବ୍ଲକ ମତ୍ସ୍ୟ ଅଧିକାରୀ, ବ୍ଲକ ପ୍ରାଣୀ ଅଧିକାରୀ ଓ ଉଦ୍ୟାନ କୃଷି ଅଧିକାରୀ ପ୍ରମୁଖଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ସୋଲ ଫୁଲରେ ଝଲସିବ ଶରଧାବାଲିର ୩ ରଥ

ଖୋର୍ଦ୍ଧା, ୦୪/୦୭ (ନି.ପ୍ର): ଦିନ କେଇଟା ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ଏନେଇ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି । ରତ୍ନବେଦୀ ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାଘରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ । ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଲସାହିର ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ଦ୍ୱାରା ତିଆରି ସୋଲ ଫୁଲ ଏଥିଲାଗି ଭକ୍ତି ଓ ନିଷ୍ଠାର ସହ ଲାଗିପଡିଛନ୍ତି ଏହି ପରିବାର । ରଥରେ ଝଲସିବ ଭଳିକି ଭଳି ସୋଲଫୁଲ । ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନି ରଥ ଲାଗିବା ପରେ ସୋଲରେ ପ୍ରସ୍ତୁତ କଦମ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ ।ଗତ ୨୪ବର୍ଷ ହେବ ସେବା ଯୋଗାଇ ଆସୁଛନ୍ତି ଏହି ପରିବାର । ବୀରକିଶୋର କାର୍ତିକ ମାସଠାରୁ କାକଟପୁର, ଅନ୍ତରଙ୍ଗ, ନିମାପଡ଼ା ଆଦି ଅଞ୍ଚଳରୁ ସୋଲ ସଂଗ୍ରହ କରାଯାଇଥାଏ । ପରେ ଏହାକୁ ଖରାରେ ଶୁଖାଇ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି ଅସ୍ତ୍ର ପୂଜା କରି କାର୍ଯ୍ୟ ଆରମ୍ଭ କରନ୍ତି । ନେତ୍ରୋତ୍ସବ ପୂର୍ବଦିନ କାମ ସରିଥାଏ । ପରେ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚି ରଥରେ ସଜ୍ଜିତ କରାଯାଏ । ଫୁଲ ପ୍ରସ୍ତୁତି ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ । ଚୁମୁକି ସୂତା ଏବଂ ବଡ଼ ଛୁଞ୍ଚ ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ । ଏଥିରେ ପରିବାର ମହିଳାମାନେ ସହଯୋଗ କରନ୍ତି । ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ ନିଷ୍ଠା ଏବଂ ନୀତି ନିୟମ ପ୍ରକାରେ ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର । ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ । ପ୍ରତିବର୍ଷ ମହାପ୍ରଭୁଙ୍କ ତିନିରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ । ଫୁଲ କାରିଗର ବାନାମ୍ବର କାଣ୍ଡି କହିଛନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ କହିଲେ ନସରେ । ମହାପ୍ରଭୁଙ୍କ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେ କରୁଛି ।ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାରର ସଦସ୍ୟମାନେ କରିଛନ୍ତି । ସେହିପରି ରାଜଭିତ ଜକିଶୋର ସୁହରି, ୧୯୯୯ ମସିହା ମହାପ୍ରଭୁଙ୍କ ରଥଯାତ୍ରା ଦେଖ?ିବା ଲାଗି ଭାଇମାନେ ମିଶି ଯାଇଥିଲୁ । ହେଲେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲା । ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ । ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ ।ଏନେଇ ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ । ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ତା''ପର ବର୍ଷଠାରୁ ଅର୍ଥାତ୍ ୨୦୦୦ ମସିହାରୁସୋଲରେ ଫୁଲ ପ୍ରସ୍ତୁତ କରି ଯୋଗାଇ ଆସୁଛୁ ୨୦୦୪ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲ ଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ । ସେବେଠାରୁ ଏହି ସେବା ଜାରି ରହିଛି । ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ, ବରଂ ବର୍ଷସାରା ସୋଲପୁଲ ଏବଂ ଟାହିଆ ପ୍ରସ୍ତୁତିରେ ଯାହା ପାରିଶ୍ରମିକ ମିଳିଥାଏ, ତାହାକୁ ମହାପ୍ରଭୁଙ୍କ ସୋଲପୁର ପ୍ରସ୍ତୁତିରେ ଖର୍ଚ ହୋଇଥାଏ । ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ପରିବାର ସଦସ୍ୟ କରିଛନ୍ତି ।

## ୧୪ଟି ମୃତ ପକ୍ଷୀ ଜବତ:୨ ଶିକାରୀ ଗିରଫ

ଖୋର୍ଦ୍ଧା , ୦୪/୦୭ (ନି.ପ୍ର): ଶିକାରୀମାନେ ଭୋଜି ପକ୍ଷୀ ଶିକାର କରି ଫେରୁଥିବା ବେଳେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଶିକାରୀ ମାନେ ହେଲେ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଦେଇପୁର ଗ୍ରାମର ସନ୍ତୋଷ ପଲାଇ (୨୪) ଓ ଟୁଲୁ ପଲାଇ (୨୩) । ତେବେ ଚଢ଼ାଉ ସମୟରେ ଜଣେ ଚମ୍ପଟ ମାରିବାରେ ସଫଳ ହୋଇଥିବା ବେଳେ ଏମାନଙ୍କ ଠାରୁ ବନବିଭାଗ ୧୪ଟି ମୃତ ପକ୍ଷୀ ଜବତ କରିଛି । ସୁଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରେ ଟାଙ୍ଗୀ ବନ୍ୟପ୍ରାଣୀ ବନାଂଚଳ ଭୂଷଣ୍ଡପୁର ସେକ୍ସନର ସୁଭଦ୍ରାପୁର ଘେରି ନିକଟରେ କିଛି ଶିକାରୀ ପକ୍ଷୀ ଶିକାର କରି ଫେରୁଥିଲେ ।

# ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ବିଧାୟକ ଦୁର୍ଗାପ୍ରସନ୍ନ

କେନ୍ଦ୍ରାପଡ଼ା, ୦୪/୦୭ (ନି.ପ୍ର): ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଯାତ୍ରାର ପ୍ରସ୍ତୁତି ସଂପର୍କରେ ମହାକାଳପଡା ବିଧାୟକ ଦୁର୍ଗା ପସନ୍ନ ନାୟକ କେନ୍ଦ୍ରାପଡ଼ା ଇଛାପୁର ସ୍ଥିତ ରଥଦାଣ୍ଡ ରେ ପହଁଚି ସମୀକ୍ଷା କରିଛନ୍ତି । ନୀତି କାର୍ଯ୍ୟ ଯେଭଳି ଠିକ୍ ସମୟରେ ହୋଇ ପାରିବ ସେଥିପ୍ରତି ସେବାୟତ ମାନେ ସକ୍ରୀୟ ରହିବା ସହ ମନ୍ଦିର ପ୍ରଶାସନ ଏ ବିଷୟରେ ସେଚେତନ ରହିବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ନାୟକ ଆଶା ପ୍ରକାଶ କରିଥିଲେ । ବୁଧବାର ଅପରାହ୍ନରେ ଶ୍ରୀ ନାୟକଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟି ସବାପତି ରବିନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରୀ, ମୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରତାପ ସ୍ୱାଇଁ, ପୂର୍ତ୍ତ ବିଭାଗ ଏସଡିଓ ଆଜାମୁଦ୍ଦିନ ଖାନ ପ୍ରମୁଖ ଉପସ୍ଥିତ ରହି ରଥଯାତ୍ରା ସମୟରେ ରଥଦାଣ୍ଡ ସଫାସୁତରା, ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ରାସ୍ତା ମରାମତି ଆଦି ସଂପର୍କରେ ସମୀକ୍ଷା କରିଥିଲେ । ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ର ପରିଚାଳନା କରିବା ସହିତ ଭକ୍ତ ମାନେ ଯେଭଳି ଅସୁବିଧା ର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା କରିଥିଲେ । ଏହି ସମୀକ୍ଷା ସମୟରେ ବିଧାୟକ ଶ୍ରୀ ନାୟକଙ୍କ ସହିତ ସେବାୟତ ନୃସିଂହ ପ୍ରସାଦ ପତ୍ରୀଙ୍କ ସହ ଅମିତାଭ ସୁଆର, ରାଜେନ୍ଦ୍ର ପତ୍ରୀ, ପ୍ରଭାତ ମହାନ୍ତି, ସରୋଜ ସାହୁ, ନିଗମାନନ୍ଦ ବେହୁରା, ଜ୍ଞାନ ରଂଜନ ବସନ୍ତିଆ, ପ୍ରଶାନ୍ତ କୁମାର ସେଠୀ ଙ୍କ ସହ ଅନେକ କର୍ମୀ ଉପସ୍ଥିତ ଥିଲେ ।

# କଲେଜ ଅଧକ୍ଷଙ୍କୁ ଅଧାପକଙ୍କ ମାଡ଼ ଅଭିଯୋଗ: ତଦନ୍ତ କରୁଛି ଶିଳ୍ପାଂଚଳ ପୋଲିସ

ଖୋର୍ଦ୍ଧା, ୦୪/୦୭ (ନି.ପ୍ର): କଲେଜ ଅଧକ୍ଷଙ୍କୁ ଜଣେ ଅଧାପକ ମାଡ଼ ମାରିଥିବା ନେଇ ଶିଳ୍ପାଂଚଳ ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ହଳଦିଆ କଲେଜରେ । ଅଭିଯୋଗ ଅନୁଯାୟୀ ହଳଦିଆ କଲେଜର ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର କହିଛନ୍ତି, ଆଜି ସକାଳ ପ୍ରାୟ ୮ଟାରେ ବ୍ଲକ ଗ୍ରାଂଟ ଇତିହାସ ଅଧାପକ ବିଜୟ କୁମାର ଭଂଜଦେଓ, ହଳିଦିଆ କଲେଜର ସଭାପତି ରଂଜନ କୁମାର ଭଂଜ ସେମାନଙ୍କର ୪ ଜଣ ସ୍ଥାନୀୟ ସମର୍ଥକ ରବିନାରାୟଣ ଭଂଜ ସାମନ୍ତ ଓରଫ ରବି, ପ୍ରଦୀପ୍ତ କୁମାର ଭଂଜ ଓଫର ନିର, ଭବାନୀ ପ୍ରସାଦ ପଟ୍ଟନାୟକ (ଶିବୁନୁ) ଓ ଶ୍ରୀକାନ୍ତ କୁମାର ଭଂଜ ବିନା ଅନୁମତିରେ ପ୍ରବେଶ କରିଥିଲେ । ଅଧକ୍ଷ ଚୌକି ଓ କଲେଜ ଛାଡ଼ିକି ଚାଲିଯିବା ପାଇଁ କହିଥିଲେ । ଏହି ଘଟଣାକୁ ବିରୋଧୀ କରିବାରୁ ସେମାନେ ମାଡ଼ ମାରିଥିଲେ । ବିଜୟ କୁମାର ଭଂଜଦେଓ ମୋର ଗଳାକୁ ଧରିପକାଇଥିଲେ ଏବଂ ଚାମ୍ବର ବାହାରକୁ ନେଇଯିବା ପାଇଁ ଉଦ୍ୟମ କରୁଥିଲେ । ସେହିପରି ଆକ୍ରମଣରେ ଅଧାପକଙ୍କୁ ପ୍ରଦୀପ କୁମାର ଭଂଜ ସହଯୋଗ କରିଥିଲେ । ମୋ ବେକରେ କିଛି ଆଘାତ ଲାଗିଛି । ଘଟଣା ସମୟରେ କଲେଜର ପିଅନ ନିରଞ୍ଜନ ମହାପାତ୍ର ଓ ସୁରକ୍ଷାକର୍ମୀ ବିଭୂତି ଭୂଷଣ ସାହୁ ଉପସ୍ଥିତ ଥାଇ ସବୁ ଦେଖିଥିଲେ । ଏହି ଘଟଣା ପରେ ମୁଁ ନିଜକୁ ଅସୁରକ୍ଷିତ ମନେ କରୁଛି । ତେଣୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ତେବେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । କଲେଜରେ ଅଧକ୍ଷଙ୍କ ଚାମ୍ବରରେ ପଶି ମାଡ଼ ମାରିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ତେବେ ଅଭିଯୋଗ ନେଇ ସଭାପତି କିମ୍ବା ଅଧାପକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ଟ୍ରଲର ଧକ୍କାରେ ୪ ଗାଈ ମୃତ

ମାଲକାନଗିରି, ୦୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ରେ ଥିବା ଏମ ଭି ୬୬ ଗ୍ରାମ ନିକଟରେ ବୁଧବାର ସକାଳୁ ଘଟିଯାଇଛି ଏକ ମର୍ମନ୍ତୁଦ ଦୁର୍ଘଟଣା । ଆନ୍ଧ୍ର ପ୍ରଦେଶ ଅଭିମୁଖେ ଦୃତ ଗତିରେ ଯାଉଥିବା ଏକ ଟ୍ରଲର ଗାଡ଼ି ଏମ ଭି ୬୬ ମୁଖ୍ୟ ରାସ୍ତା ରେ ଶୋ ଇଥିବା ୫ ଟି ଗାଈ ଉପରେ ଚଢି ଯାଇଥିଲା । ଏଥିରେ ୪ ଟି ଗାଈଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ଗାଈ ଆହତ ହୋଇଛି । ଦୁର୍ଘଟଣା ପରେ ଟ୍ରଲର ଡ୍ରାଇଭର ଗ୍ରାମ ଲୋକଙ୍କୁ ଡାକି ଏ ବାବଦରେ ଜଣାଇଥିଲେ । ପରେ ଗ୍ରାମବାସୀ ମିଶି ରାସ୍ତାରେ ମରି ପଡିଥିବା ଗୋରୁଙ୍କୁ ଉଠାଇ ଥିଲେ । ଦୁର୍ଘଟଣାଗ୍ରସ୍ତ ଗୋରୁ ଗୁଡିକ ହେଲା ଏମ ଭି ୬୬ ଗ୍ରାମର ସଂଜିତ ସରକାର, ସଞ୍ଜୟ ସରକାର, ସୁଭାଷ ସରକାର, ବଳରାମ ଢ଼ାଲି ଓ କ୍ରୀଷ୍ଣା ଢାଲିଙ୍କର । ସୂଚନା ପାଇ କାଲିମେଳା ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# କାଦୁଅ ରାସ୍ତାରେ ହନ୍ତସନ୍ତ ଦାମୋଦରପୁର ଗ୍ରାମବାସୀ: କାମ ଅଧାରୁ ଠିକାଦାର ଛୁ

କୋରାଇ, ୦୪/୦୭ (ନି.ପ୍ର): ନମ୍ବର ଜାତୀୟ ରାଜପଥରୁ ଦାମୋଦରପୁର ଗ୍ରାମ ମଧଦେଇ ନରପଦା ପର୍ଯ୍ୟନ୍ତ ଏକ ନୂତନ ରାସ୍ତାର ନିର୍ମାଣ ସହିତ ପୁରୁଣା ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପୂର୍ତ ବିଭାଗ ପକ୍ଷରୁ ଚାଲୁଅଛି । ଉକ୍ତ ରାସ୍ତା କାର୍ଯ୍ୟ ନିମନ୍ତେ ଠିକା ନେଇଥିବା ଜୈନେକ ଠିକାଦାର ରାସ୍ତା ସମ୍ପ୍ରସାରଣ କରିବା ଲାଗି କେଳୁଅ ମାଟି ଆଣି ପକାଇଛି । ବର୍ତମାନ ବର୍ଷା ଋତୁ ଚାଲୁଅଛି । ଯାହାଦ୍ୱାରା ରାଜପଥରୁ ଯାଇଥିବା ମୁଖ୍ୟ ରାସ୍ତାଟି ଏବେ କାଦୁଅରେ ପଚପଚ ହୋଇଅଛି । ଉକ୍ତ ରାସ୍ତାଟିକୁ ମରାମତି କରିବା ଲାଗି ଗ୍ରାମର କିଛି ବ୍ୟକ୍ତିଙ୍କ ଉଦ୍ୟମରେ ବିଭାଗ ତରଫରୁ ମୋରମ ଓ ଡ଼ଷ୍ଟ ପକାଯାଇ ସମତୁଲ କରାଯାଇଥିଲା । ମାତ୍ର ବର୍ଷା ଋତୁ ଆସିବା ପୁର୍ବରୁ କାର୍ଯ୍ୟ ନ ସାରି ଏବେ କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଶେଷ କରି ସ୍କୁଲ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ,ମହିଳା ସ୍କୁଟି ଆରୋହୀ ମାନେ ରାସ୍ତା ଉପରେ ଯିବା ସମୟରେ ଚକା ସ୍ଲିପ କରିଯିବାରୁ ଖସି ପଡ଼ି ଆହତ ହେଉଛନ୍ତି । ତେବେ କହିବେ କାହାକୁ କିଏ ବା ଶୁଣିବ । ମାଟି ପକାଇବା ବେଳେ ବର୍ଷା ହେବାରୁ ଠିକାଦାର କାମକୁ ସଂପୁର୍ଣ କରିବା ପରିବେର୍ତେ ଅଧାରୁ ଛାଡ଼ି ଛୁ । ଏ ନେଇ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବିଦ୍ୟୁତ ଭିତ୍ତିଭୂମିର ବିକାଶ ଓ ଉନ୍ନତ ସେବା ପାଇଁ ଅଭିଯାନ ଆରମ୍ଭ କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୦୪/୭ (ନି.ପ୍ର): ସଦର ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ ବିତରଣ ସେବା ସହିତ ଭିତ୍ତିଭୂମୀର ଉନ୍ନତି ପାଇଁ ଟାଟା ପାୱାର ଉତ୍ତର ଓଡିଶା ବିତରଣ ସଂସ୍ଥା (ଟିପିଏନଓଡିଏଲ) ସହିତ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ ବିଧାୟକ ମାନସ କୁମାର ଦତ୍ତ । ନୂତନ ସରକାର ଗଠନ ପରେ ପ୍ରଥମ ବିଧାନସଭା ଅଧିବେଶନ ଅଥବା ରାଜ୍ୟର ବଜେଟ ପ୍ରସ୍ତୁତି ପୂର୍ବରୁ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲେଶ୍ୱର ପୌରାଂଚଳ ସମେତ ପଂଚାୟତଗୁଡିକରେ ଭିତ୍ତିଭୂମୀର ବିକାଶ ପାଇଁ ଆବଶ୍ୟକୀୟ ଯୋଜନା ପ୍ରସ୍ତୁତି ପାଇଁ ଏହି ଭଳି ଏକ ବୈଠକ ଆୟୋଜିତ ହୋଇଥିବା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏଥିରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିଜଦାସ ବାସକ, ଚିଫ ଅପରେସନ ନିଲେଶ ଫୋଟଫଡେ, ଅଧିକ୍ଷଣ ଯନ୍ତ୍ରୀ ଶିଦ୍ଧାର୍ଥ ଶଙ୍କର ରାୟ, ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥୀ, ସେଂଟ୍ରାଲ ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ, ବାଲେଶ୍ୱର ସହରାଂଚଳରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଏସଡିଓ ଗିରିଜା ଶଙ୍କର ନାୟକ ଓ ମନୋରଞ୍ଜନ ବେହେରା ଏବଂ ଗ୍ରାମାଂଚଳରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଏସଡିଓ ବିଜୟ ମହାନ୍ତି ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ବ୍ୟବସ୍ଥିତ ବିଦ୍ୟୁତ ଭିତ୍ତିଭୂମୀ ଓ ସେବା ସମ୍ପର୍କରେ ବିଧାୟକ ଶ୍ରୀ ଦତ୍ତଙ୍କୁ ଅବଗତ କରିଥିଲେ । ଟାଟା ପାୱାର ବିଦ୍ୟୁତ ବିତରଣ ସେବା ଦାୟିତ୍ୱ ନେବା ଠାରୁ ଭିତ୍ତିଭୂମୀ ସେବା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିନଥିବା ବେଳେ ଏହାକୁ ଅଧିକ କ୍ରିୟାଶୀଳ କରିବା ଉପରେ ଶ୍ରୀ ଦତ୍ତ ଗୁରୁତ୍ୱ ଦେଇଥିଲେ । ବିଶେଷ କରି ବାଲେଶ୍ୱର ସହରରେ ନିରବିଚ୍ଛିନ ବିଦ୍ୟୁତ ସେବା ପ୍ରଦାନ ପାଇଁ ସେ ଟାଟା ପାୱାର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଗ୍ରୀଡରୁ ସହର ମଧ୍ୟରେ ଥିବା ସମସ୍ତ ୩୩କେଭି ଷ୍ଟ୍ରକ୍ଚରଗୁଡିକୁ ଭୂତଳ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରିବାକୁ ପରାମର୍ଶ ଦେବା ସହିତ ଏହା ନିରବିଚ୍ଛିନ୍ନ ବିଦ୍ୟୁତ ସେବାରେ ସହାୟକ ହେବ ବୋଲି ଶ୍ରୀ ଦତ୍ତ କହିଥିଲେ । ଏହା ସହିତ ବାଲେଶ୍ୱର ସହରର ବ୍ୟସ୍ତବହୁଳ ସିନେମା ଛକରୁ ବାରବାଟୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଭୂତଳ ବିଦ୍ୟୁତ ସଂଯୋଗ ମାଧ୍ୟମରେ 'ନୋ-ୱାୟର ଜୋନ' କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଝଡବାତ୍ୟା ବା ଅନ୍ୟାନ୍ୟ ପାକୃତିକ ବିପର୍ଯ୍ୟୟ ସମୟରେ ନିରବିଚ୍ଛିନ ବିଦ୍ୟୁତ ସେବା ପାଇଁ ଦୀର୍ଘ ମିଆଦି ଯୋଜନା ଭାବେ ସହରର ୧୧କେଭି ସବଷ୍ଟେସନଗୁଡିକୁ ମଧ୍ୟ ଭୂତଳ ବିଦ୍ୟୁତ ସଂଯୋଗରେ ସାମିଲ କରିବାକୁ ସେ କହିଥିଲେ । ବିଗତ ୧୦ବର୍ଷ ଧରି ଗ୍ରାମାଂଚଳର ଜନସାଧାରଣଙ୍କୁ ଉନ୍ନତ ବିଦ୍ୟୁତ ଭିତ୍ତିଭୂମୀ ଓ ସେବାକୁ ନେଇ ଯେଉଁ ପ୍ରତାରଣା ଚାଲିଥିଲା । ସେଥିପାଇଁ ସିନ୍ଧିଆ ଓ କଷାଫଳ ପଂଚାୟତରେ ନୂଆ ୩୩କେଭି ବିଦ୍ୟୁତ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ସହିତ ଏଥି ନିମନ୍ତେ ସର୍ଭେ ଓ ପ୍ରସ୍ତୁତି ଆରମ୍ଭ କରିବାକୁ ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ସେହିପରି ଲୋ-ଭୋଲଟେଜ ସମସ୍ୟା ଦୂର ପାଇଁ ସହରାଂଚଳ ଭଳି ଗ୍ରାମାଂଚଳରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପୁରୁଣା ଟ୍ରାନ୍ସଫର୍ମକୁ ନୂଆ ୨ଶହ ବା ୪ଶହ କେଭିଏ ଟ୍ରାନ୍ସଫର୍ମରରେ ପରିବର୍ତ୍ତନ ପାଇଁ ସେ କହିଥିଲେ । ଅନ୍ୟପକ୍ଷରେ ବିଦ୍ୟୁତ ଗ୍ରାହକଙ୍କ ପ୍ରତି ସମ୍ବେଦନଶୀଳ ହେବା ସହିତ ଗ୍ରାହକ ସେବାକୁ ଅଧିକ ଜନାଦୃତ କରିବାକୁ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ତେବେ ବିଦ୍ୟୁତ ମିଟରିଂ ଓ କେବଲ ଜନିତ ସମସ୍ୟା ଦୂରୀକରଣ ପାଇଁ ନୂତନ ନୀତି ପ୍ରଣୟନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ନିମନ୍ତେ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଥିବା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି ବୈଠକରେ ଟିପିଏନଓଡିଏଲ ଅଧିନରେ ପରିଚାଳିତ ସମସ୍ତ ସର୍କଲର କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ ସହ ବିଧାୟକଙ୍କ ପରାମର୍ଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ସମ୍ମତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପୌରାଂଚଳ ଓ ପଂଚାୟତସ୍ତରୀୟ ପ୍ରତିନିଧି ଭାବେ ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ହରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଶତପଥୀ, ରାଜେନ୍ଦ୍ର ଚାଟାର୍ଜୀ, ସୌଭଗ୍ୟ ମାନସ ନାୟକ, ଉମେଶ କୁମାର ବେହେରା, ରବି ନନ୍ଦୀ ପ୍ରମୁଖ ଯୋଗଦେଇ ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଅଂଚଳରେ ବିଦ୍ୟୁତ ସେବାକୁ ନେଇ ଦେଖା ଦେଉଥିବା ସମସ୍ୟା ଉପସ୍ଥାପନ ସହ ତାହାର ନିରାକରଣ ଉପରେ ଆଲୋଚନା କରିଥିଲେ ।

# ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ପାଇଁ ବାଲେଶ୍ୱରରେ ଗାନ୍ଧୀବାଦୀ ପ୍ରୟାସ



ବାଲେଶ୍ୱର, ୦୪/୭ (ନି.ପ୍ର): ବାଲେଶ୍ୱରରେ ସଙ୍ଗଠିତ ହୋଇଥିବା ସାମ୍ପ୍ରଦାୟିକ ବିଦ୍ୱେଷକୁ ଭୁଲି ଲୋକଙ୍କ ମଧ୍ୟରେ ଭାଇଚାରା ସ୍ଥାପନ କରାଇବା ନିମନ୍ତେ ଗତ ସପ୍ତାହ ଧରି ଗାନ୍ଧୀ ବିଚାରର ସଂଗଠନମାନଙ୍କ ପକ୍ଷରୁ ଶାନ୍ତି ଅଭିଯାନ ଆରମ୍ଭ ହୋଇଛି । ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଓ ଡ଼ା ବିଶ୍ୱଜିତଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଗାନ୍ଧୀବାଦୀମାନେ ଉଭୟ ସଂପ୍ରଦାୟ ମଧ୍ୟରେ କଥାବାର୍ତ୍ତା କରିବା ସହ ବାଲେଶ୍ୱରରେ ସ୍ଥାୟୀ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରୁଛନ୍ତି । ଆଜି ଆରକ୍ଷୀ ଅଧିକ୍ଷକ ସାଗରୀକ ନାଥ ଓ ପୂର୍ବାଞ୍ଚଳ ଆଇଜି ଡ ଦୀପକ କୁମାର ସ୍ଥାନୀୟ ଗୋଳାପୋଖରୀ ଛକରେ ନାଟକ ଗୋଟିଏ ଅଚିହ୍ନା ଶବ ର ଉଦ୍ଘାଟନ କରି ଗାନ୍ଧୀବାଦୀ ମାନଙ୍କର ଏହି ପ୍ରୟାସକୁ ଅଭିନନ୍ଦନ ଜଣାଇ ଥିଲେ ।ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ,ଉତ୍କଳ ସର୍ବୋଦୟ ମଣ୍ଡଳ, ବାଜି ରାଉତ ଛାତ୍ରାବାସ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ଗାନ୍ଧୀ ବିଚାରର ସଂଗଠନମାନଙ୍କ ପକ୍ଷରୁ ରାଜ୍ୟସ୍ତରରୁ ଆସିଥିବା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଗୌରାଙ୍ଗ ମହାପାତ୍ର, ଅଖିଳ କୁମାର ପାଢ଼ୀ, ପବନ କୁମାର ଶର୍ମା, ମିହିର ପ୍ରତାପ ଦାସ, ପ୍ରଫେସର ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କହିଲେ ଯେ, ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବାଲେଶ୍ୱରର ଭୂମିକା ସ୍ୱତନ୍ତ୍ର । ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭୂମି ବାଲେଶ୍ୱର । ବାଲେଶ୍ୱର ତାହାର ଭାଇଚାରା ନିମନ୍ତେ ସବୁବେଳେ ପ୍ରସିଦ୍ଧ । ଶାନ୍ତି ଓ ସଦଭାବନା ନିମନ୍ତେ ସମସ୍ତେ ଏକଜୁଟ ହୋଇ ବାଲେଶ୍ୱରରେ ଶାନ୍ତି ସେନା ଗଠନ କଲେ, ବାଲେଶ୍ୱର ଓଡ଼ିଶା ତଥା ଦେଶକୁ ବାଟ ଦେଖାଇପାରିବ । ଏହି ନାଟକ ଆରମ୍ଭ ହେବା ପୂର୍ବରୁ ସର୍ବ ଧର୍ମ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ସେଥିରେ ଯଶୋଧାରା ଦାସ, ସମାଜସେବୀ ଅଭୟ କୁମାର ଦାସ, ଜୟପ୍ରକାଶ ଦାସ, ପ୍ରଣୀତା ମିଶ୍ର, ଆଡଭକେଟ ମହମ୍ମଦ ଇସଲାମ, ଗୌରାଙ୍ଗ ପାଣିଗ୍ରାହୀ, ଦିଲ୍ଲୀପ ପଣ୍ଡା, ମଞ୍ଜୁଲତା ବଳ, ଦେବାଶିଷ ପଣ୍ଡା, ଶକୀଲା ବାନୁ ପ୍ରମୁଖ ସାମିଲ ହୋଇ ଶାନ୍ତି ପାଇଁ ସହରବାସୀଙ୍କୁ ଆହ୍ୱାନ ଜଣାଇଥିଲେ । ଛୋଟରାୟ ମାଝୀ, ଫୁଲଲତା ସେଠୀଙ୍କ ନେତୃତ୍ୱରେ ମୀର୍ଜାପୋଖରୀ ଓ ମାଣିଖମ୍ବ ଠାରେ ଏହି ନାଟକ ସମ୍ପନ୍ନ ହୋଇଛି । ଆଗାମୀ ଦିନମାନଙ୍କରେ ସହରର ବିଭିନ୍ନ ସ୍ଥାନରେ ଶାନ୍ତି ସଦଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ



ବାଲେଶ୍ୱର, ୦୪/୭ (ନି.ପ୍ର): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରକୃତିଓ ପରିବେଶ ପାଇଁ କାମକରୁଥିବା ସାମାଜିକ ଅନୁଷ୍ଠାନ ଅରଣ୍ୟକ ଓ ପୂର୍ବତନ ଛାତ୍ର ସଂସଦ ରିୟୁନିୟନ ତରଫରୁ ଅଧାପକ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅପରାହ୍ନ ପାଞ୍ଚ ଟା ତିରିଶ ମିନିଟରେ ସମୟରେ ବନମୋହତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଶାଗୁଆନ, ମେହଗାନୀ, ଆକାଶିଆ, ଝାଉଁ, ଗଙ୍ଗଶିଉଳୀ, ରାଧାଚୁଡା ,ଜାମୁ ଆଦି ବୃକ୍ଷ ରୋପଣ ସହ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବଣ୍ଟନ କରାଯାଇଥିଲା । ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ରେ ସଂଗଠନର ମୁଖ୍ୟ ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଭାପତିତ୍ୱ କରିଥିବା ବେଳେ ପ୍ରାଣୀ ସ୍ୱାସ୍ଥ୍ୟ ବିଜ୍ଞାନୀ ତଥା ପରିବେଶବିତ୍ ଡା. ଦୁର୍ଗା ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।ମୁଖ୍ୟଅତିଥି ଭାବେ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ ବନମହୋତ୍ସବ ନୁହଁ ବର୍ଷସାରା ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ ।ପ୍ରକୃତି ଅସନ୍ତୁଳିତ, ସନ୍ତୁଳନ ପାଇଁ କେବଳ ଗଛ ହିଁ ସାହାରା, ଆସ ଗଛ ଲଗାଇବା ସ୍ଲୋଗାନ ସହ ତାର ଯତ୍ନ ନେବାପାଇଁ ଡାକରା ଦେଇଥିଲେ ପରିବେଶ୍ୱିତ ଉପାସନା ପଟ୍ଟନାୟକ ଅନ୍ୟମାନଙ୍କ ମଧ୍ୟରେ କବି ଅଞ୍ଜଳି ପଣ୍ଡା,ଇଂ ବସନ୍ତ କୁମାର ବେହେରା,ଅଧାପକ ବିଜୟ କୁମାର ଦେ,ରାଜେଶ ରାଉତ,ଅନିରୁଦ୍ଧ ବେହେରା,ଡଃ ଉମାବତି ସାହୁ,ସ୍ମୃତିରେଖା ଟୁଡୁ,ଶାନ୍ତିପ୍ରଭା ବେହେରା,ଶୁଶାନ୍ତ ବାଗ,ଡଃ ସଂଯୁକ୍ତା ସାହୁ,ଡଃ ସୁଦେଷ୍ଣା ଖଟୁଆ, ଡଃ ପଲ୍ଲୀଶ୍ରୀ ଆଇଚ,ଡଃ ମିନତୀ ମହାନ୍ତି, ନରତ୍ତୋମ ପାଣିଗ୍ରାହୀ, ଚନ୍ଦ୍ରାଶ୍ରୀ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।ଅତିଥି ପରିଚୟ ଆଗ୍ନେଶା ପଟ୍ଟନାୟକ ଦେଇଥିଲା ବ୍ୱେଳେ ,ଧନ୍ୟବାଦ ଛାତ୍ର ସନ୍ତୋଷ କୁମାର ସେଠୀ ଦେଇଥିଲେ । ସଂଗଠନର ମୁଖ୍ୟ ସୁଧାକର ସେଠୀ ଯେଉଁ ଛାତ୍ର,ଛାତ୍ରୀ ପ୍ରଦତ୍ତ ଗଛଲଗାଇବା ସହ ତାର ଯତ୍ନ ନ୍ୱୋର ଫୋଟୋ ପଠାଇବ,ତା ସହ ବଞ୍ଚାଇ ରଖିବ ସେହି ଛାତ୍ର ବା ଛାତ୍ରୀକୁ ପୁରସ୍କାର ପ୍ରଦାନ କରାଯିବ ବ୍ୱୋଲି ଘୋଷଣା କରିଥିଲେ । କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ ଅଂଶୁମାନ ମହାପାତ୍ର,ସଂଜୟ ଦାସ,ଭାଗ୍ୱତ ପରିଡ଼ା,ପ୍ରଣ୍ୱ ପ୍ରକାଶ ଦାସ,ବରୁଣ କୁମାର ଗୀରି ପ୍ରମୁଖ ।

# ମାଧ୍ୟମିକ ଶିକ୍ଷକଙ୍କ କୌଶଳି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜଳେଶ୍ୱର ୪/୭ (ନିପ୍ର) : ଜଳେଶ୍ୱର ବ୍ଲକର ଚଳିତବର୍ଷର ମାଧ୍ୟମିକ ଶିକ୍ଷକମାନଙ୍କୁ ଦିଆଯାଉଥିବା କୌଶଳୀ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି । ଏଥିରେ ଜଳେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ପୌରହିତ୍ୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜଳେଶ୍ୱର ଗୋଷ୍ଠୀଶିକ୍ଷାଅଧିକାରୀ ଜଗବଂଧୁ ଜେନା କମ୍ପୁଟର ଜ୍ଞାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ସାଇବାର କ୍ରାଇମ ସଂପର୍କରେ ସୂଚନା ଦେଇଥିଲେ । ଅତିଥିଭାବେ ବିଆର୍‌ସିସି ସୁଶାନ୍ତ ଜେନା, ଓଷ୍ଟା ଜଳେଶ୍ୱର ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ବିଜ୍ଞାନର ଭୂମିକା ଓ ତାର ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ପ୍ରକାଶ କରିଥିଲେ । ପ୍ରଶିକ୍ଷକ ବାରିଦ ବରଣ ପ୍ରଧାନ ଓ ଅର୍ଜୁନ ଚରଣ ଜେନା ସାଇବର କ୍ରାଇମ୍, କମ୍ପୁଟର, ଆଇଟି ଓ କୋଡିଂ କ୍ୟୁରିକୁଲମ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ । ୫୩ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ ଓ ଗଣିତ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ । ହରିପଦ ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପୁଣି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ...

ଆଜି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । କିନ୍ତୁ ଇଡି ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଜଣାପଡ଼ିଛି । ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଚମ୍ପାଇ ସୋରେନଙ୍କ କ୍ୟାବିନେଟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏବେ ୧୦ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ଜେଏମଏମର ୨୭ ଜଣ ବିଧାୟକ ଥିବା ବେଳେ ମେଣ୍ଟରେ ଥିବା କଂଗ୍ରେସ ପାଖରେ ୧୭ ଓ ଆରଜେଡିର ଜଣେ ବିଧାୟକ ରହିଛନ୍ତି । ଜେଏମଏମର ୨ ଜଣ ବିଧାୟକ ଏବେ ଲୋକସଭା ସାଂସଦ ହୋଇଯାଇଛନ୍ତି । ସେହିପରି ବିଧାୟକ ସୀତା ସୋରେନ ଜେଏମଏମ ଛାଡ଼ି ବିଜେପିରେ ମିଶି ଲୋକସଭା ନିର୍ବାଚନ ଲଢ଼ିଥିଲେ । ଏହାବାଦ ୨ ଜଣ ବିଧାୟକଙ୍କୁ ଦଳ ବିରୋଧୀ କାମ ପାଇଁ ଜେଏମଏମର ବହିଷ୍କୃତ ହେବାକୁ ପଡ଼ିଛି । ଅନ୍ୟପକ୍ଷରେ ବିଜେପିର ବିଧାୟକ ସଂଖ୍ୟା ମଧ୍ୟ ୨୪କୁ ହ୍ରାସ ପାଇଛି । ଦଳର ଦୁଇ ଜଣ ବିଧାୟକ ଏବେ ଲୋକସଭା ସାଂସଦ । ସେହିପରି ଜଣେ ବିଧାୟକ କଂଗ୍ରେସରେ ମିଶି ଲୋକସଭା ନିର୍ବାଚନ ଲଢ଼ିଥିବାରୁ ବିଜେପି ତାଙ୍କୁ ଦଳରୁ ବହିଷ୍କାର କରିଛି ।

## ବିଜୟ ରଥରେ ବିଶ୍ୱ...

ସ୍ୱାଗତ କରାଯାଇଥିଲା । ଏହାପରେ ଟ୍ରଫି ସହ ଟିମ ଇଣ୍ଡିଆର ସଦସ୍ୟମାନେ ଖୋଲା ବସ୍‌ରେ ଶୋଭାଯାତ୍ରା ଆରମ୍ଭ କରିଥିଲା । ସେମାନେ ଶୋଭାଯାତ୍ରା କରି ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତର ମୁକସାଖୀ ବନିବା ପାଇ ମେରାଇନ ଡ୍ରାଇଭ ପାଲଟିଥିଲା ଜନସମୁଦ୍ର । ଅଧିନାୟକ ରୋହିତ ଶର୍ମା ଟ୍ରଫି ଧରି ଶୋଭାଯାତ୍ରାର ଲିଡ କରୁଥିବା ବେଳେ ଅନ୍ୟମାନେ ମଧ୍ୟ ସାଧାରଣ କ୍ରିକେଟ ଫ୍ୟାନ୍ସଙ୍କ ଅଭିବାଦନ ଗ୍ରହଣ କରିଥିଲେ । ୱାଙ୍ଖେଡେ ଷ୍ଟାଡିୟମକୁ ଯିବା ଯାଏ ଖେଳାଳିଙ୍କ ଉପରେ ସ୍ଥାନେସ୍ଥାନେ ଫୁଲବର୍ଷା ମଧ୍ୟ ହୋଇଥିଲା । ୨୦୦୭ରେ ଭାରତ ଟି-୨୦ ବିଶ୍ୱକପ ଜିତି ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଆଜିର ବିଜୟ ଶୋଭାଯାତ୍ରା ଆହୁରି ଭବ୍ୟ ଓ ବିଶାଳ ହୋଇଛି । ଟିମ ଇଣ୍ଡିଆର ସଦସ୍ୟମାନେ ବିଜୟ ଶୋଭାଯାତ୍ରା କରୁଥିବା ବସ୍‌ରେ ବିଶ୍ୱକପ ଜିତିବା ବେଳେ ହୋଇଥିବା ସେଲିବ୍ରେସନର ଫଟୋ ରହିଥିଲା । ଏହି ବସରେ ଖେଳାଳିଙ୍କ ଶୋଭାଯାତ୍ରା ନରିମଣ ପଏଣ୍ଟରୁ ଆରମ୍ଭ ହୋଇ ଦେଢ଼ କିମି ଦୂରରେ ଥିବା ୱାଙ୍ଖେଡେ ଯାଏ ଚାଲିଥିଲା । ଏହାକୁ ଦେଖିବାକୁ ମେରାଇନ ଡ୍ରାଇଭରୁ ୱାଙ୍ଖେଡେ ଯାଏ ହଜାର ହଜାର ଲୋକ ଉପସ୍ଥିତ ରହିଥିଲେ । ସେହିପରି ୱାଙ୍ଖେଡେ ଷ୍ଟାଡିୟମ ଭିତରେ ହେବାକୁ ଥିବା ବିଜୟ ଉତ୍ସବ କାର୍ଯ୍ୟକ୍ରମକୁ ମଧ୍ୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ବର୍ଷା ହେଉଥିଲେ ମଧ୍ୟ ଲୋକମାନେ ଏହାକୁ ଖାତିର ନ କରି ନିଜ ପ୍ରିୟ ଖେଳାଳି ଓ ବିଶ୍ୱକପ ଟ୍ରଫି ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱ ଓ ଷ୍ଟାଡିୟମରେ ଏକାଠି ହୋଇଥିଲେ ।

## ହାଥରସ ଦଳାଚକଟା...

କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ହଜାର ହଜାର ସଂଖ୍ୟାରେ ଲୋକ ଅଂଶଗ୍ରହଣ କରିଥିଲେ । ତେବେ ସତସଙ୍ଗ ସରିବା ପରେ ଦୌଡାଦୌଡି ଓ ଦଳଚକଟା ସ୍ଥିତି ଉପୁଜିଥିଲା । ଏଥିରେ ବର୍ତ୍ତମାନ ସୁଦ୍ଧା ୧୨୧ ଜଣଙ୍କ ମୃତ୍ୟୁ ହୋଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ମୁଣ୍ଡିଆ ମାରିଲେ, ଲୋକସେବା ...

ଶପଥ ନେବାର ୨୨ ଦିନ ପରେ ଆଜିଠୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଲୋକସେବା ଭବନରୁ ବିଧିବଦ୍ଧ ଭାବେ କାମ ଆରମ୍ଭ କରିଛନ୍ତି । ଏହି ଅବସରରେ ସେ ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଗଣମାଧ୍ୟମ ପ୍ରତିନିଧୀଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ପରିଚାଳନା ରାଜ୍ୟର ଭାଷା ଓଡ଼ିଆରେ ହିଁ ହେବ । ତେଣୁ ଓଡ଼ିଆରେ ହେବ ସରକାରୀ କାମ । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ କମିଶନ ଗଠନ ହେବ । ଓଡ଼ିଆ ଭାଷା ପ୍ରତିଷ୍ଠାନର ପୁନର୍ଗଠନ କରାଯିବ । ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରାଯିବ ଆବଶ୍ୟକ ହେଲେ ସରକାରୀ ଭାଷା ଆଇନରେ ସଂଶୋଧନ କରାଯିବ । ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ଗୁରୁତ୍ୱଦିଆଯିବ । ଓଡ଼ିଆ ଅସ୍ମିତା ସଂରକ୍ଷଣ ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି । ସାହିତ୍ୟ, କଳା, ସଙ୍ଗୀତ ଓ ଲଳିତ କଳା ଏକାଡେମୀର ପୁନଃଗଠନ ପାଇଁ ପଦକ୍ଷେପ ନେବେ ସରକାର । ପ୍ରତି ଜିଲ୍ଲାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯିବ । ନିର୍ମାଣ କରାଯିବ ଅନୁବାଦ ଏକାଡେମୀ, ଓଡ଼ିଆ ଅସ୍ମିତା ଭବନ । ଭାଷା ପାଇଁ ଆଧୁନିକ ସରଳ ଓ ସୁଗମ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଉଚ୍ଚ ବିଦ୍ୟାଳୟସ୍ତରରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ବିଚାର କରିବେ ସରକାର । ସେହିପରି ବରୁଣେଇରେ ପାଇକ ଏକାଡେମୀ ଓ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ହେବ । ବିଭିନ୍ନ ଐତିହ୍ୟ ପୀଠର ବିକାଶକୁ ଗୁରୁତ୍ୱ ଦେବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ ଆଜିଠୁ କାର୍ଯ୍ୟ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପୂଜାର୍ଚ୍ଚନା କରି ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ । ଯେଉଁ ଚାମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଥିଲେ ସେହି ଚାମ୍ବରରେ ବସିଛନ୍ତି ମୋହନ ମାଝୀ । କେବଳ ଟେବୁଲ ଓ ଚେୟାରର ଦିଗ ବଦଳିଛି । ଆଜି ମୁଣ୍ଡିଆ ମାରି ଲୋକସେବା ଭବନ ଭିତରେ ପ୍ରବେଶ କରିଥିଲେ ମୁଖ୍ୟମନ୍ତ୍ରୀ । ଭିତରକୁ ପାଛୋଟି ନେଇଥିଲେ କ୍ୟାବିନେଟ୍ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ।

## ଓଡ଼ିଆ ଭାଷାରେ ଡାକ୍ତରୀ ...

ପ୍ରଫେସର ଡାକ୍ତର ସାହୁ ରହିଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଆବାହକ ଅଛନ୍ତି । ସଦସ୍ୟ ଭାବେ ବିଭିନ୍ନ ମେଡିକାଲ କଲେଜ ଓ ଭୁବନେଶ୍ୱର ଏମସ୍ ପ୍ରଫେସରମାନଙ୍କୁ ସାମିଲ କରାଯାଇଛି । ସଦସ୍ୟମାନେ ହେଲେ ଡାକ୍ତର ପ୍ରଭାସ ତ୍ରିପାଠୀ, ପ୍ରଫେସର, ଅର୍ଚ୍ଚନା ମିଶ୍ର,ପ୍ରଫେସର ମନସ୍ୱିନୀ ମଙ୍ଗରାଜ, ପ୍ରଫେସର ନିରଞ୍ଜନ ରାଉତ, ଡାକ୍ତର ଭାରତ ପଟେଲ, ଡାକ୍ତର ପ୍ରଦୀପ କୁମାର ନାୟକ, ଡାକ୍ତର ବିଶ୍ୱରଞ୍ଜନ ପାଢ଼ୀ, ପ୍ରଫେସର ଦୁର୍ଗା ଶତପଥୀ, ପ୍ରଫେସର ପ୍ରଦୀପ୍ତ ପରିଡ଼ା, ପ୍ରଫେସର ପ୍ରସନ୍ନ କୁମାର ରାଠୋର, ଡାକ୍ତର ଲକ୍ଷ୍ମଣ ବାଗ, ପ୍ରଫେସର ରୀତାଞ୍ଜଳି ବେହେରା, ପ୍ରଫେସର ବିଷ୍ଣୁ ପାତ୍ର, ପ୍ରଫେସର ଭାଗିରଥୀ ଦ୍ୱିବେଦୀ, ଡାକ୍ତର ବିଶ୍ୱନାଥ ବେହେରା, ପ୍ରଫେସର ମିହିର ରଞ୍ଜନ ନାୟକ, ପ୍ରଫେସର ରଞ୍ଜିତା ମହାପାତ୍ର,ଡାକ୍ତର ସୁଦୀପ୍ତ ନାୟକ, ଡାକ୍ତର ରାଜଶ୍ରୀ ରାଉତ ରହିଛନ୍ତି । ଏମାନଙ୍କ ବ୍ୟତୀତ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ଉପଦେଷ୍ଟା ଡଃ ପ୍ରେମାନନ୍ଦ ମହାପାତ୍ର ମଧ୍ୟ ସଦସ୍ୟ ରହିଛନ୍ତି । ସୂଚନାଯୋଗ୍ୟ, ନିର୍ବାଚନ ସମୟରେ ବିଜେପିର ଚାଣକ୍ୟ ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ରାଜ୍ୟରେ ବିଜେପି ସରକାର ଆସିଲେ ଓଡ଼ିଆ ଭାଷାରେ ପିଲାମାନେ ଡାକ୍ତରୀ ପାଠ ପଢ଼ିବେ ବୋଲି ଘୋଷଣା କରିଥିଲେ । ବିଜେପି ମଧ୍ୟ ନିଜର ନିର୍ବାଚନୀ ସଂକଳ୍ପରେ ଓଡ଼ିଆ ଭାଷାରେ ଆଇନ, ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠ୍ୟକ୍ରମ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲା ।

## ସିଏମଓରୁ ୪ ଓଏଏସ...

ଏହି ୪ଜଣ ଅଫିସର ନବୀନ ପଟ୍ଟନାୟକ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ରହି ସୁପର ମିନିଷ୍ଟର ଭଳି କାର୍ଯ୍ୟ କରୁଥିଲେ ବୋଲି ପାୱାର କରିଡରରେ ଚର୍ଚ୍ଚା । ସୂଚନା ଅନୁସାରେ, ବରିଷ୍ଠ ଓଏଏସ୍ ଲାଲା ମନୋଜ କୁମାର ରାୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ରହି ସାଧାରଣ ପ୍ରଶାସନ, ସମବାୟ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ ବିଭାଗର ଫାଇଲ୍ ଦେଖୁଥିଲେ । ତାଙ୍କ ବାଟ ଦେଇ ଏହି ସମସ୍ତ ବିଭାଗର ଫାଇଲ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଥିଲା । ସେହିପରି ଓଏଏସ୍ ଶୁଭ୍ରାଂଶୁ ମିଶ୍ରଙ୍କ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ଶ୍ରମ ଓ ଇଏସଆଇ, ଅନୁସୂଚିତ ଜାତି-ଜନଜାତି କଲ୍ୟାଣ, ବାଣିଜ୍ୟ ଓ ପରିବହନ ବିଭାଗ ଦାୟିତ୍ୱରେ ରହିଥିଲେ । ସେହିପରି ଓଏଏସ୍ ମନୋଜ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ଯୋଜନା ଓ ସଂଯୋଜନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ହସ୍ତତନ୍ତ ଓ ବୟନଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ରହିଥିଲେ । ଏହି ଅଫିସରମାନେ ନବୀନ ପଟ୍ଟନାୟକ ସରକାରରେ ଏତେ ପ୍ରଭାବଶାଳୀ ଥିଲେ ଯେ, ମନ୍ତ୍ରୀମାନଙ୍କୁ ବି ତାଗିଦ୍ କରିବାକୁ ପଛାଉନଥିଲେ ବୋଲି ଚର୍ଚ୍ଚା ହେଉଛି । ସେହିପରି ଓଏଏସ୍ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଓଏସଡି ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ସେ ନବୀନ ନିବାସରେ ରହି ବିଜେଡିର ସାଂଗଠନିକ ବ୍ୟାପାର ଦାୟିତ୍ୱ ବୁଝୁଥିଲେ । ସକାଳୁ ରାତ୍ରି ପର୍ଯ୍ୟନ୍ତ ଶ୍ରୀ ସେଠୀ ନବୀନ ନିବାସରେ ରହି ବିଜେଡିର ବିଭିନ୍ନ ନେତାଙ୍କୁ ଫୋନ୍ କରିବା ଓ ବିଜେଡିର ମନ୍ତ୍ରୀ-ବିଧାୟକମାନଙ୍କୁ ସାଂଗଠନିକ ସୂଚନା ଦେବା ଆଦି କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି । ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ସ୍ୱାମୀ ରବୀନ୍ଦ୍ର ମଧ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଖାସ୍ ଅନୁଗତ ଭାବେ ପରିଚିତ । ଉଲ୍ଲେଖଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ଗତ ଦୁଇଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ ବଦଳି ହୋଇସାରିଛି । ନବୀନ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଚିବ ଥିବା ଆଇପିଏସ୍ ଅଫିସର ଡିଏସ କୁଟେ ଏବେବି ନିଲମ୍ବିତ ଅଛନ୍ତି ଓ ଛୁଟିରେ ରହିଛନ୍ତି । ଅନ୍ୟ ଦୁଇ ଆଇଏଏସ୍ ଆର.ଭିନିଲ କ୍ରିଷ୍ଣ ଓ ରୂପାରୋଶନ ସାହୁ ଯଥାକ୍ରମେ କ୍ରୀଡ଼ା ଓ ଯୁବବ୍ୟାପାର, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଆଉ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଉନଥିବା ଜଣାପଡ଼ିଛି । ନବୀନ ପଟ୍ଟନାୟକ ସରକାରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଅବସ୍ଥାପିତ ଏହି ଅଫିସରମାନଙ୍କୁ ଭେଟିବା ପାଇଁ ନିର୍ବାଚିତ ବିଧାୟକ ଓ ମନ୍ତ୍ରୀମାନଙ୍କୁ 'ଚିଟ୍' ଦେଇ ଅପେକ୍ଷା କରିବାକୁ ପଡୁଥିଲା ବୋଲି ଚର୍ଚ୍ଚା ।

## ଭୁବନେଶ୍ୱରରେ ଜଷ୍ଟିସ୍ ...

ଜଷ୍ଟିସ୍ ଅରିଜିତ୍ ପଶାୟତ କହିଛନ୍ତି, ଆସନ୍ତା ୮ ତାରିଖରେ ରଥ ଯାତ୍ରା ଥିବାରୁ ସେଦିନ ରତ୍ନ ଭଣ୍ଡାର ଖୋଲାଯିବା ଆଶା କ୍ଷୀଣ । ଏ ସମ୍ପର୍କରେ ନିଷ୍ପତ୍ତି ସରକାର ନେବେ । ଯେବେ ସରକାର ନିଷ୍ପତ୍ତି ନେବେ, ସେବେ ରତ୍ନ ଭଣ୍ଡାର ଖୋଲାଯିବ ବୋଲି କହିଛନ୍ତି ଅବସରପାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତ । ସେ ଆସନ୍ତାକାଲି ପୁରୀ ପହଞ୍ଚିବା ପରେ ରତ୍ନଭଣ୍ଡାର ଇନଭେଣ୍ଟୋରି କମିଟିର ବୈଠକରେ ଯୋଗଦେବେ । ରତ୍ନଭଣ୍ଡାର ମରାମତି ଓ ରତ୍ନ ଗଣତି ଉପରେ କଣ ନିଷ୍ପତ୍ତି ହେଉଛି ତା ଉପରେ ରହିଛି ସମସ୍ତଙ୍କ ନଜର । ଏଥର ରତ୍ନଭଣ୍ଡାର କେବେ ଖୋଲାଯିବ ? ଗଣତି କେବେ ଆରମ୍ଭ ହେବ ? ରତ୍ନଭଣ୍ଡାର ମରାମତି କେବେ ହେବ ? ଏ ସମସ୍ତ ପ୍ରକ୍ରିୟା କେବେ ସରିବ ସେନେଇ ବୈଠକରେ ନିଷ୍ପତ୍ତି ହୋଇପାରେ । ଏହା ପୂର୍ବରୁ ୧୯୭୮ ମସିହାରେ ଅର୍ଥାତ୍ ୪୫ ବର୍ଷ ତଳେ ରତ୍ନ ଭଣ୍ଡାର ଖୋଲା ଯାଇ ଅଳଙ୍କାର ଗଣତି ହୋଇଥିଲା । ସେତେବେଳେ ଅର୍ଥାତ ୧୯୭୮ରେ ମେ ୧୩ରୁ ଜୁଲାଇ ୨୩ ଯାଏଁ ପ୍ରାୟ ୭୦ ଦିନ ଲାଗିଥିଲା । ଏବେ ନୂଆ ଟେକ୍ନୋଲୋଜି ଉପଯୋଗ କରାଯାଇ କେତେଦିନରେ ମରାମତି ସାଙ୍ଗକୁ ଗଣତି-ମଣତି ହେଉଛି, ତା ଉପରେ ସମସ୍ତଙ୍କ ନଜର ।

## ବିଜେଡି କର୍ପୋରେଟରଙ୍କ ....

ବ୍ରେକ୍ ଲଗାଇବାକୁ ବିଜେଡି କର୍ପୋରେଟରଙ୍କୁ ନାଲି ଆଖି ଦେଖାଇଛନ୍ତି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ସୁଶାନ୍ତ ରାଉତ । ଦଳୀୟ ନିର୍ଦ୍ଦେଶ ବିନା କେହି ମୁହଁ ନ ଖୋଲିବାକୁ ସେ ତାଗିଦ କରିଛନ୍ତି । ଦଳର ବିଦ୍ରୋହୀ କର୍ପୋରେଟର ଅମରେଶ ଜେନା ଗତ ଦୁଇଦିନ ଧରି ଗଣମାଧ୍ୟମ ଆଗରେ ଦଳୀୟ ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ନେଇ ବୟାନବାଜି କରୁଥିବା ବେଳେ ଆଜି ମୁହଁ ଖୋଲିଛନ୍ତି ବିଜେଡି କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର । ଦଳର ୨୨ କର୍ପୋରେଟର କାହା ନିର୍ଦ୍ଦେଶରେ ଗତକାଲି ସାମ୍ବାଦିକ ସମ୍ମିଳନୀ କରିଥିଲେ ? ଏଥିପାଇଁ ସେମାନେ ଦଳର ସଭାପତି କି ଜିଲ୍ଲା ସଭାପତିଙ୍କ ଅନୁମତି ନେଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀ ପାଇଁ ଦଳର ନିର୍ଦ୍ଦେଶ ନ ଥିବା ବେଳେ ସେମାନେ ଏପରି କରିଛନ୍ତି । ଜଣେ ହାରିଥିବା ଓ ଜଣେ ଜିତି ଥିବା ବିଧାୟକ ଅଶାନ୍ତ ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରଞ୍ଚି ମହାସୂପକାର । ତେବେ ଭୁବନେଶ୍ୱର ଈଔଉ କର୍ପୋରେଟରଙ୍କ ବୟାନବାଜି ମଧ୍ୟରେ ମୁହଁ ଖୋଲିଛନ୍ତି ମେୟର ସୁଲୋଚନା ଦାସ । ସେ କହିଛନ୍ତି, ଈଔଉ କର୍ପୋରେଟର ସବୁ ଏକଜୁଟ ଅଛନ୍ତି । ଆମେ କାମ କରୁଛୁ । ଯେଉଁମାନେ କହୁଛନ୍ତି ଦଳରେ ବିଭୀଷଣ ଅଛନ୍ତି, ସେକଥା ସେମାନେ କହିପାରିବେ । ୫୭ ଈଔଉ କର୍ପୋରେଟର ଏକଜୁଟ୍ ହୋଇ ଅଛୁ । ହାରଜିତ ସବୁବେଳେ ଅଛି । କିଏ ପ୍ରେସମିଟ କରିଛି ମୁଁ ଜାଣିନି । କାହାର ବ୍ୟକ୍ତିଗତ ରାଗରୁଷା ଅଛି କହି ପାରିବିନି ବୋଲି କହିଛନ୍ତି । ଅପରପକ୍ଷେ, ପାଣି ମୁଣ୍ଡ ଉପରେ ଗତି କରିବାରୁ ଆକ୍ସନ ମୁଡକୁ ଆସିଛନ୍ତି ବିଧାୟକ ତଥା ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ସୁଶାନ୍ତ ରାଉତ । ବିନା ଦଳୀୟ ନିର୍ଦ୍ଦେଶରେ ଗଣମାଧ୍ୟମ ଆଗରେ କେହି ମୁହଁ ନଖୋଲିବାକୁ ତାଗିଦ କରାଯାଇଛି । ଦଳର ନିର୍ଦ୍ଦେଶ ବିନା ମିଡିଆରେ କିଛି ନ କହିବାକୁ କର୍ପୋରେଟରମାନଙ୍କୁ କୁହାଯାଇଛି ।

## ଓଡ଼ିଶାରେ କାର୍ଯ୍ୟକାରୀ...

ଉଲ୍ଲେଖଯୋଗ୍ୟ, କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ମିଶାଇ ୨୦୨୨ ମସିହାରୁ 'ମିଶନ ଶକ୍ତି' ନାଁରେ ସମନ୍ୱିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ମହିଳାଙ୍କ ନିରାପତ୍ତା ଓ ସୁରକ୍ଷା ସହ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ମାତ୍ର ରାଜ୍ୟର ପୂର୍ବ ବିଜେଡି ସରକାର ରାଜନୀତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାରଙ୍କ 'ମିଶନ ଶକ୍ତି' ଯୋଜନାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁନଥିବା ଜଣାପଡ଼ିଛି । ଓଡ଼ିଶାରେ ସ୍ୱତନ୍ତ୍ର 'ମିଶନ ଶକ୍ତି' ବିଭାଗ ରହିଥିଲେ ମଧ୍ୟ ତାହା କେବଳ ମହିଳା ଏସଏଚଜି ଗଠନ କରି ବ୍ୟାଙ୍କ ଋଣ ମାଧ୍ୟମରେ ସେମାନଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସଶକ୍ତିକରଣ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । କିନ୍ତୁ କେନ୍ଦ୍ର ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ମହିଳାଙ୍କୁ ଉଭୟ ସଶକ୍ତିକରଣ ସହ ସୁରକ୍ଷା ଓ ନିରାପତ୍ତା ମଧ୍ୟ ଯୋଗାଇ ଦେଉଛି ।

ଶୁକ୍ରବାର, ଜୁଲାଇ ୦୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଖୋଜର ୪ ଦିନ ପରେ ୨ ମହିଳାଙ୍କ ସମେତ ଜଣେ ପୁରୁଷ ଆଦିବାସୀଙ୍କ ଶବ ଜଙ୍ଗଲରୁ ଠାବ

ନୀଳଗିରି , ୦୪/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଔପଦା ଥାନା ଅଧୀନ ବଡ଼ପୋଖରୀ ପଞ୍ଚାୟତ ବଡ଼ପୋଖରୀ ରାଜସ୍ୱ ଗ୍ରାମର ଆଦିବାସୀ ବସ୍ତି ବରପଦା ଗ୍ରାମରେ ଗତ ୧ ତାରିଖଠାରୁ ନିଖୋଜ ଥିବା ୨ ମହିଳାଙ୍କ ସମେତ ଜଣେ ପୁରୁଷ ଆଦିବାସୀଙ୍କର ମୃତ ଶରୀର ଆଜି ଜଙ୍ଗଲରୁ ଠାବ କରାଯାଇଥିବା ସୂଚନା ମିଳିଛି। ନିଖୋଜ ଥିବା ସମ୍ପର୍କରେ ଔପଦା ଥାନାରେ ଆଜି ଅଭିଯୋଗ ପରେ ପୁଲିସ ବଡ଼ପୋଖରୀରେ ପହଞ୍ଚି ଖୋଜାଖୋଜି କରିଥିଲା । ତେବେ ଜଙ୍ଗଲରେ ଶବ ପଡ଼ିଥିବାର ଖବର ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ସୂଚନା ଅନୁଯାୟୀ, ଗତ ୧ ତାରିଖ ବରପଦା ଗ୍ରାମର ସମ୍ବାରି ସିଂ, ଜାଲିଆ ସିଂଓ ଦାମ୍ପା ସିଂ ଘରୁ ନିଖୋଜ ଥିଲା ବେଳେ ଏମାନଙ୍କ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ସେମାନଙ୍କୁ ନ ପାଇବାରୁ ଆଜି ମୃତ ସମ୍ବାରି ସିଂଙ୍କ ପୁଅ ନିରଞ୍ଜନ ସିଂ ଔପଦା ଥାନାରେ ଅଭିଯୋଗ କରିଛନ୍ତି । ଔପଦା ଭଳି ଉପାନ୍ତ ଅଞ୍ଚଳର ଆଦିବାସୀ ବସ୍ତିରେ ଦୀର୍ଘ ଚାରିଦିନ ଧରି ନିଖୋଜ ଥିବା ୩ ଜଣ ଆଦିବାସୀଙ୍କର ଗଳିତ ଶବ ଜଙ୍ଗଲରୁ ମିଳିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି। ତେବେ ଅଭିଯୋଗକାରୀ ନିରଞ୍ଜନ ସେମାନଙ୍କୁ ସଂଘବଦ୍ଧ ଭାବରେ ହତ୍ୟା କରାଯାଇଥିବା ଏତଲାରେ ଦର୍ଶାଇଥିବା ଜଣାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଜଙ୍ଗଲରେ ପଡ଼ିଥିବା ଶବଗୁଡ଼ିକ ଉଦ୍ଧାର କରାଯାଇ ପାରିନଥିବା ଜଣାଯାଇଛି ।




# ଜଳେଶ୍ୱରରେ ୨୯ଟି ବିଦ୍ୟାଳୟକୁ ଗଣିତ, ବିଜ୍ଞାନ କିଟ ସହିତ ମାଇକ୍ରୋସ୍କପ ପ୍ରଦାନ

ଜଳେଶ୍ୱର , ୦୪/୭ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମେଧାବୃଦ୍ଧି ଓ ଶିକ୍ଷାଦାନରେ ସୁଧାର ଆଣିବାପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟକୁ ଗଣିତ ଓ ବିଜ୍ଞାନ କିଟ ଓ ମାଇକ୍ରୋସ୍କୁପ ପ୍ରଦାନ କରାଯାଉଛି । ଜଳେଶ୍ୱର ବ୍ଲକର ୨୦ଟି ପ୍ରାଥମିକ ଓ ୯ଟି ମାଧ୍ୟମିକ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରି କିଟ ଓ ମାଇକ୍ରୋସ୍କୁପ ପ୍ରଦାନ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକ୍ରମ ବିଇଓ ଜଗବଂଧୁ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟାଳୟରେ ହୋଇଥିଲା । କାର୍ଯ୍ୟକ୍ରମରେ ବିଆର୍‌ସିସି ସୁଶାନ୍ତ କୁମାର ଜେନା, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଅଜିତ୍ ପାତ୍ର ଓ ଗଜେନ୍ଦ୍ର ଦଳାଇ ସହଯୋଗ କରିଥିଲେ ।



# ହାତୀ ଭୟରେ ବନାଞ୍ଚଳବାସୀ: ବିଦ୍ୟୁତ୍ କାଟ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ

ନୀଳଗିରି , ୦୪/୭ (ନି.ପ୍ର): ଦୀର୍ଘବର୍ଷ ଧରି ହାତୀ ଭୟ ବନାଞ୍ଚଳବାସୀଙ୍କୁ ଘାରିଥିବା ବେଳେ ବନବିଭାଗ କେବଳ ହାତୀ ଘଉଡ଼ାଇବା ବାହାନାରେ ସନ୍ଧ୍ୟାରେ ଗାଡ଼ି ଧରି ଲୋକଦେଖାଣିଆ ବାହାରିଯାଉଛି । ମାତ୍ର ହାତୀ ଗୋଟେ ଥିବାବେଳେ ବନବିଭାଗ କର୍ମଚାରୀ ଅନ୍ଧାରରେ ବାଡି ବୁଲାଇବା ଭଳି ହାତୀକୁ ଖୋଜିବା ଏକ ବାହାନା ପାଲଟିଛି। ଗାଁ ଗଣ୍ଡାରେ ହାତୀ ପଶି ନାନା ପ୍ରକାରର ଉପଦ୍ରବ ଘଟାଇ ଚାଲିବା ବନାଞ୍ଚଳବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ବନବିଭାଗ ସୁଖନିଦ୍ରାରେ ଘୁଙ୍ଗୁଡ଼ି ମାରୁଥିବାର ଅଭିଯୋଗ ହେଉଛି। ଗତ ତିନିଦିନ ଧରି ଦୁଇଟି ହାତୀ ନରଣପୁର, ଦଲକି, ଗୋପାଳପୁର, ଜେନାଡାହି, ହାତୀମୁଣ୍ଡା ଆଦି ବିଭିନ୍ନ ଗ୍ରାମରେ ପଶି ଉପଦ୍ରବ କରୁଥିବା ବେଳେ ଗତ ବୁଧବାର ସନ୍ଧ୍ୟାରେ ହାତୀ ଦୁଇଟି ଭାଲୁକାଶୁଣିଛକ ନିକଟରେ ପହଞ୍ଚି ନରଣପୁର ମଟିଆଳୀ ଜଙ୍ଗଲ ରାସ୍ତାରେ ଟହଲ ମାରୁଥିବା ବେଳେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଭୟବିତ ହୋଇ ଅନ୍ୟ ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। ପରେ ବନବିଭାଗ ହାତୀ ଦୁଇଟିକୁ ଜଙ୍ଗଲକୁ ଖେଦିଦେବା ଫଳରେ ହାତୀ ଦୁଇଟି ଜାମୁଡ଼ିହା ପଞ୍ଚାୟତ ମଲ୍ୟାଣୀ ଗ୍ରାମରେ ପହଞ୍ଚି ଉପଦ୍ରବ କରୁଥିବା ବେଳେ ଗାଁ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏପଟେ ହାତୀ ବାହାନାରେ ବିଦ୍ୟୁତ୍ ବିଭାଗ ଲାଇନ୍ କରିଦେବା ଯୋଗୁଁ ଅନ୍ଧାରରେ ହାତୀ ଭୟ ସହିତ ମଶା, ସାପ ଭୟ ଅଧିକ ବାଧୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେପଟେ ହାତୀ ଘଉଡ଼ାଇବା ବାହାନାରେ ବନବିଭାଗ ସନ୍ଧ୍ୟାରେ ଟହଲ ମାରି ଅଫିସରେ ଆସି ଶୋଇପଡୁଥିବା ଅଭିଯୋଗ କରି ସମସ୍ୟାର ସମାଧାନ ନହେଲେ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି ବନାଞ୍ଚଳବାସୀ।

# ନୂଆ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର , ୦୪/୭ (ନି.ପ୍ର): ବାଲିଆପାଳ ଥାନାର ନୂଆ ଅଧିକାରୀ ସଦାନନ୍ଦ ସ୍ୱାଇଁ ଙ୍କୁ ଗୁରୁବାର ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁ ଧର ଜେନା, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ବର୍ଦ୍ଧନା ଜଣାଇ ଥିଲେ। ଆଇ ଆଇ ସି ଶ୍ରୀ ସ୍ୱାଇଁ ଏହି ଅବସର ରେ ସମସ୍ତ ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରି ବେ ବୋଲି କହିଛନ୍ତି।

# ବହୁ ବସ୍ତି ବାସିନ୍ଦା ଆବାସ ଯୋଜନାରୁ ବଂଚିତ

## ଜାଗା ମିଶନରେ ଉଦଳାକୁ କରାଯାଇଛି ଅଣଦେଖା : ନଗରପାଳ

ଉଦଳା , ୦୪/୭ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ - ୧୨ (ଜ୍ୟୋତିନଗର)ରେ ବସବାସ କରୁଥିବା ପାର୍ବତି ହାଁସଦା ନାମକ ଜଣେ ବିଧବା ମହିଳା ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଆବାସ ଯୋଜନାରୁ ବଂଚିତ ଏହି ବିଧବା ମହିଳା ରହୁଥିବା ମାଟି କାନ୍ଥ ସାଙ୍ଗକୁ ନଡ଼ା ଛପର ଘର ଏବେ ନଷ୍ଟ ହେବାକୁ ବସିଲାଣି । ବର୍ଷାଦିନ ଆଗମନରେ ଚାଳ ଛପରରୁ ପାଣି ଗଳିବା ଫଳରେ ମହିଳା ଜଣକ ନଗରପାଳ ପ୍ରମିଳା ପଣ୍ଡାଙ୍କୁ ନିଜର ଗୁହାରି ଜଣାଇଥିଲେ । ଏହା ଶୁଣିବା ପରେ ସଙ୍ଗେ ସଙ୍ଗେ ନଗରପାଳ କାଉନସିଲର ଧିରେନ୍ଦ୍ର ଖଣ୍ଡେଲୱାଲଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇଥିଲେ ଓ ପଲିଥିନ ପ୍ରଦାନ କରିଥିଲେ । ଉକ୍ତ ଘଟଣାସମ୍ପର୍କରେ ନଗରପାଳ ଶ୍ରୀମତି ପଣ୍ଡା କହିଲେ ଜାଗା ମିଶନରେ ବସ୍ତି ବାସିନ୍ଦାଙ୍କୁ ଯେଉଁ ଜମି ପଟା ଦେବା କଥା ତାହା ପ୍ରଦାନ କରାଯାଇ ନାହିଁ । ଫଳରେ ବହୁ ଲୋକ ଆବାସ ଯୋଜନାରେ ଘର ପାଇବାରୁ ବଂଚିତ ଅଛନ୍ତି ।



# ଅଧକ୍ଷଙ୍କୁ ଆକ୍ରମଣ: ଥାନାରେ ମାମଲା



ଖୋର୍ଦ୍ଧା, ୦୪/୭ (ନି.ପ୍ର): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ହଳଦିଆ କଲେଜ ପ୍ରିନ୍ସିପାଲଙ୍କୁ ସେହି କଲେଜ୍‌ର ଜଣେ ଅଧ୍ୟାପକ ଏବଂ ତାଙ୍କର କିଛି ସହଯୋଗୀ କରିଛନ୍ତି ସଙ୍ଗବଦ୍ଧ ଆକ୍ରମଣ । ଘଟଣା ବେଳର ସିସିଟିଭି ଭିଜୁଆଲ ଏବେ ହୋଇଛି ହସ୍ତଗତ। ସୂଚନା ମୁତାବକ ବୁଧବାର ସକାଳ ପ୍ରାୟ ସାଢ଼େ ଆଠଟା ବେଳେ କଲେଜ ପ୍ରିନ୍ସିପାଲ ଉମାକାନ୍ତ ପାତ୍ର ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଉକ୍ତ କଲେଜର ଅଧ୍ୟାପକ ବିଜୟା ନନ୍ଦ ଭଞ୍ଜ ଓ କଲେଜ୍ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ଭଞ୍ଜ ଏବଂ ତାଙ୍କର ପାଞ୍ଚ ଛଅ ଜଣ ସହଯୋଗୀ ପ୍ରିନ୍ସିପାଲଙ୍କ ଚାମ୍ବରରେ ପଶି ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମିଳିତ ଭାବେ ଆକ୍ରମଣ କରିଥିଲେ। ଉକ୍ତ ଘଟଣାକୁ ନେଇ କଲେଜ୍ ପ୍ରିନ୍ସିପାଲ ଶ୍ରୀ ପାତ୍ରଙ୍କ ଅଭିଯୋଗ ପରେ ଅଧ୍ୟାପକ ବିଜୟାନନ୍ଦ ଭଞ୍ଜଙ୍କ ସମେତ ଅନ୍ୟ ଆକ୍ରମଣକାରୀଙ୍କ ନାମରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ୧୫୨/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ପ୍ରତିପକ୍ଷ ବିଜୟାନନ୍ଦ ଭଞ୍ଜଙ୍କ ପକ୍ଷରୁ ମଧ ଏକ ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷର ଅଭିଯୋଗ କ୍ରମେ ମାମଲାର ତଦନ୍ତ ଆରମ୍ଭ କରିଛି।

# ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥିରେ ରେମୁଣା ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୦୪/୭ (ନି.ପ୍ର): ଗୁରୁବାର ସକାଳ ୯ ଘଟିକା ସମୟରେ ରେମୁଣା ମନ୍ଦିର ଛକ ନିକଟସ୍ଥ ହନୁମାନ କଲ୍ୟାଣ ମଣ୍ଡପରେ ସ୍ୱାମୀ ବିବେକାନନ୍ଦଙ୍କ ପୁନ୍ୟତିଥି ଅବସରରେ ରେମୁଣା ଯୁବମୋର୍ଚ୍ଚା ତରଫରୁ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହାନ୍ତଙ୍କ ନେତୃତ୍ୱରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ରେମୁଣା ଲୋକପ୍ରିୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍ଘାଟନ କରିଥିଲେ। ବାଲେଶ୍ୱର ଜିଲ୍ଲାରେ ଥାଲାସିମିଆ ଏବଂ ଯକୃତ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁଁ ବାଲେଶ୍ୱର ରକ୍ତ ଭଣ୍ଡାରରେ ଘୋର ରକ୍ତର ଅଭାବ ଥିବାରୁ ଏଭଳି କାର୍ଯ୍ୟକ୍ରମକୁ ମେଡିକାଲ କର୍ତ୍ତୃପକ୍ଷ ତରଫରୁ ପ୍ରଶଂସା କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, ଗୋପୀନାଥ ସେନାପତି, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି,ଲମ୍ବୋଦର ପ୍ରଧାନ, ବିଜେପି ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା,କୃଷ୍ଣ ଚନ୍ଦ୍ର ସାହା, ମଳୟ ବିଶ୍ୱାଳ, ଭୋଳାନାଥ ପତ୍ର, ଗିରିଧାରୀ ଦାସ,ବରିଷ୍ଠ ନେତୃତ୍ୱ ଉମାକାନ୍ତ ପଣ୍ଡା,ଗଜେନ୍ଦ୍ର ସେଠୀ,ନିତାଇ ଚରଣ ନାୟକ, ମହେଶ୍ୱର ପ୍ରଧାନ, ବିକାଶ ପାଢ଼ୀ ,କାଉନସିଲର ଶିବଶଙ୍କର ରୟ, ହେମବତୀ ସେଠୀ,ଚନ୍ଦ୍ରକାନ୍ତି ପ୍ରଧାନ, ମିନାକ୍ଷୀ ବେହେରା, ଜୟନ୍ତୀ ପାତ୍ର,ଦମୟନ୍ତୀ ବାଗ, କମଲ ଲୋଚନ ପ୍ରଧାନ, ମହେଶ୍ୱର ଗିରି,ବିପିନ ଦାସ,ଶୁଭ୍ରାଂଶୁ କୁମାର ଦାସ, ଖିତିଶ ନାୟକ,ସୁବୋଧ ଚନ୍ଦ୍ର ପଣ୍ଡା,ଅମର ଜ୍ୟୋତି ପ୍ରଧାନ, ଉମାକାନ୍ତ ଜେନା,ଗିରିଶ ଚନ୍ଦ୍ର ତରେଇ, ସୃଷ୍ଟିଧର ଦାସ, ଯୁବମୋର୍ଚ୍ଚା ପଦାଧିକାରୀ ମାନସ ମହାନ୍ତି, ଆଦିତ୍ୟ ବାରିକ, ନିରଧ ମହାନ୍ତି,ଆନନ୍ଦ ଦାସ, ଦିପୁନ ଦାସ,ଅମର କୁମାର ରଣା,ସପନ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୧୦୦ ରୁ ଉର୍ଦ୍ଧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବହୁ ଯୁବପିଢି ଏହି ଶିବିରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ।



# ବନମହୋତ୍ସବ ଅବସରରେ ପିସି ବିଦ୍ୟାଳୟରେ ବୃକ୍ଷରୋପଣ

ବାରିପଦା , ୦୪/୭ (ନି.ପ୍ର): ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରଙ୍କୁ ନେଇ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ନେତୃତ୍ୱରେ ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ଦିଲ୍ଲୀପ କୁମାର ତୁଙ୍ଗ, ରାଜେଶ କୁମାର ନନ୍ଦୀ, ଅରବିନ୍ଦ ମୁଖି ଙ୍କ ସମେତ ବିଦ୍ୟାଳୟର ଛାତ୍ର ମାନେ ବୃକ୍ଷରୋପଣ କରିଥିଲେ ଓ ୱାର୍ଡେନ ସରୋଜ କୁମାର ସାବତ ଓ ଜିତେନ୍ ବାହାଦୁର ଲାମା ଏବଂ ବାମା ଚରଣ ବାନରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ୭ ବର୍ଷ ତଳେ ବିଦ୍ୟାଳୟ ପରିସରରେ ପ୍ରାୟ ଗଛଲତା ନଥିଲା ଓ ମାତ୍ର ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ବୃକ୍ଷରୋପଣ କରାଯିବା ଯୋଗୁଁ ଆଜି ବିଦ୍ୟାଳୟ ପରିସର ବେଶ ଆକର୍ଷଣୀୟ ହୋଇପାରିଛି । ଏଥିପାଇଁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି ।



# ବଜେଟ ପାଇଁ ଘୋଷଣା: ଜନତାଙ୍କ ମତାମତ ସଂଗ୍ରହରେ ଲାଗିଛି 'ଜନଜାଗୃତି ମଂଚ'

ଉଦଳା , ୦୪/୭ (ନି.ପ୍ର): ଚଳିତ ୨୦୨୪ - ୨୫ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ପାଇଁ ଜନସାଧାରଣଙ୍କର ମତାମତ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏ ବାବଦରେ ଲୋକଙ୍କୁ ଅବଗତ କରାଇବା ସହ ସାଧାରଣ ଲୋକଙ୍କର ମତାମତକୁ ସରକାରଙ୍କ ନିକଟରେ ପହଂଚାଇବା ପାଇଁ ମୟୂରଭଂଜରେ କାର୍ଯ୍ୟରତ ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ଉଦ୍ୟମ ଆରମ୍ଭ କରିଛି । ମଂଚର କର୍ମିମାନେ ଗାଁ କୁ ଗାଁ ବୁଲି ଲୋକଙ୍କୁ ତାଙ୍କର ମତାମତ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମୋବାଇଲ ଫୋନ ମାଧ୍ୟମରେ କିପରି ପଠାଇବାକୁ ହେବ ଅବଗତ କରାଉଛନ୍ତି । ମଂଚର ଟିମ ଲିଡ଼ର ଗଦାଧର ଦାଶ ଏହାର ନେତୃତ୍ୱ ନେଇଥିବା ବେଳେ ସଦସ୍ୟ ରୁପାଏ, ରାମଚନ୍ଦ୍ର , ଆରତି, ଭାରତି, କାପାଳ, ସୁବ୍ରତ , ଗୌତମ, ହରିପ୍ରିୟା, ରାମାୟ, ମନାଲି, ସସ୍ମିତା, ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି । ମଂଚର ଏହିଭଳି ଏକ ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ଦୁଇଟି କବିତା ପୁସ୍ତକ ଉନ୍ମୋଚିତ




ବାଲେଶ୍ୱର, ୦୪/୭ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ଦୁଇଟି କବିତାଗ୍ରନ୍ଥ 'ବିସ୍ମୟ ବିନ୍ଧାଣି' ଓ 'ମୁହୂର୍ତ୍ତର ସ୍ୱର' ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ସଭାରେ ଯଶସ୍ୱୀ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟଅତିଥି, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ମୁଖ୍ୟବକ୍ତା ଓ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ତଥା ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଦୁଇଟିର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରିବା ସହ କବିଙ୍କ ରଚନା ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ଲେଖକ ଶ୍ରୀଯୁକ୍ତ ପାଣିଗ୍ରାହୀ ଲେଖକୀୟ ଅଭିବକ୍ତି ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦିକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ହିମାଚଳରେ ଭୂ-ସ୍ଖଳନ ଯୋଗୁଁ ୧୧୫ ସଡ଼କ ବନ୍ଦ

ଶିମଲା, ୦୪/୭ (ନି.ପ୍ର): ହିମାଚଳ ପ୍ରଦେଶରେ ବୁଧବାର ବିଳମ୍ବିତ ରାତିରୁ ଜାରି ରହିଥିବା ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଭୂ-ସ୍ଖଳନ ଯୋଗୁଁ କେତେକ ସଡ଼କ ପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ୧୧୫ଟି ସଡ଼କ ପଥରେ ଯାତାୟାତ ବନ୍ଦ ରହିଛି । କିଛି ସ୍ଥାନରେ ପରିବହନ ନିଗମର ବସ୍ ଭୂ-ସ୍ଖଳନ କାରଣରୁ ଫସି ରହିଛି । ଏହା ବ୍ୟତୀତ ୨୧୨ ଟ୍ରାନ୍ସଫର୍ମର ଖରାପ ହୋଇପଡିଥିବାରୁ କେତେକ ଅଂଚଳ ଅନ୍ଧାକାର ମଧ୍ୟରେ ରହିଛି । ଭୀଷଣ ବର୍ଷା ଯୋଗୁଁ ନଦୀ ଏବଂ ନାଳରେ ଜଳସ୍ତର ବୃଦ୍ଧି ପାଇଛି । ଶିମଲା ସହରରେ ରାତିତମାମ ଭୀଷଣ ବର୍ଷା ଯୋଗୁଁ ଭୂ-ସ୍ଖଳନ ଏବଂ ଗଛ ଉପୁଡି ପଡିବା ନେଇ ବିପଦ ବଢିଛି । ସକାଳେ ପାହାଡ଼ରୁ ପଥର, ମାଟି ଖସିବା ଯୋଗୁଁ ଶିମଲା-ବିଳାସପୁର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଭୂ-ସ୍ଖଳନର ଏହି ଘଟଣା ଉପନଗର ଚକ୍କର ର ନିକଟବର୍ତୀ ବ୍ୟାରିୟରରେ ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ରାସ୍ତାରୁ ପଥର, ମାଟିକାଦୁଅ ହଟାଯାଇ ହାଇୱେ ର ଏକତରଫା ସଫା କରାଯାଇଛି । ଏହି ସମୟରେ ରାସ୍ତାରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo